

ଓଡ଼ିଶା ବିକାଶର କର୍ଣ୍ଣଧାର ଓ 5T ସଚିବ

ଭି.କେ.ପାଣ୍ଡିଆନ୍


ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in


ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR




PARUL PATAWARI


Vol.6 ବର୍ଷ-୬ | Issue- 10 ସଂଖ୍ୟା- ୧୦ | August 15 to 21, 2022, ଅଗଷ୍ଟ ୧୫ ରୁ ୨୧, ୨୦୨୨, | Jagatsinghpur, ଜଗତସିଂହପୁର, | Page-8 ପୃଷ୍ଠା-୮ | Rs. 5/- ମୂଲ୍ୟ-୫ଟଙ୍କା


# ଛତିଶଗଡ଼ କଥାରେ ଖୋଲିବୁନି-ଏସ୍‌ଆର୍‌ସି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ହୀରାକୁଦରେ ଗେଟ୍ ଖୋଲାଯାଉନି, ତେଣୁ ଛତିଶଗଡରେ ଭୟଙ୍କର ବନ୍ୟା ପରିସ୍ଥିତି। ଛତିଶଗଡ ସରକାରର ମୁଖ୍ୟମନ୍ତ୍ରୀ ରାକେଶ କୁମାର ନଗେରିଆ ଏହି ଅଭିଯୋଗ କରିଛନ୍ତି। ନଗରିଆ କହିଛନ୍ତି ଯେ- ହୀରାକୁଦ କର୍ତ୍ତୃପକ୍ଷ ଠିକ୍ ଭାବେ ଗେଟ୍ ଖୋଲୁନାହାଁନ୍ତି ବୋଲି ଛତିଶଗଡରେ ଭୟଙ୍କର ବନ୍ୟା ପରିସ୍ଥିତି ଉପୁଜିଛି। ଛତିଶଗଡ ଉପର ମୁଣ୍ଡରେ ରହିଛି, ଓଡ଼ିଶା ଅବଶିଷ୍ଟ ତଳମୁଣ୍ଡ। ତେଣୁ





ଛତିଶଗଡରୁ ଆସୁଥିବା ଜଳକୁ ନିୟନ୍ତ୍ରଣ କରାଯାଇଥାଏ ଏବଂ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଛତିଶଗଡ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ତଳ ମୁଣ୍ଡକୁ ଜଳ ନିଷ୍କାସନ କରିବାକୁ ଲାଗିଛି। କିନ୍ତୁ ହୀରାକୁଦରେ ଗେଟ୍ ଖୋଲାନଯିବାରୁ ଉପରମୁଣ୍ଡରେ ଜଳସ୍ତର ବୃଦ୍ଧି ହୋଇ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ଛତିଶଗଡ ନାକେଦମ୍... (ପୃଷ୍ଠା-୨)

## ସ୍ଥିତି ଦେଖି ନିଷ୍ପତ୍ତି:ସର୍ବୋଚ୍ଚ ଯନ୍ତ୍ରୀ

ହୀରାକୁଦ ଉପର ମୁଣ୍ଡ ଓ ତଳ ମୁଣ୍ଡରେ ବର୍ଷା ଲାଗି ରହିଛି। ସ୍ଥିତି ଦେଖି ଅଧିକ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯିବ। କାଶୀନଗର ନିକଟରେ ବଂଶଧାରା ନଦୀର ଜଳସ୍ତର ବଢ଼ିଛି। ଆଖୁଆପଦାଠାରେ ବୈତରଣୀ ବଢିବା ସହ ଜଳକା ନଦୀର ବି ଜଳସ୍ତର ବଢୁଛି। ଉପର ମୁଣ୍ଡରେ ପାଣି ଆସିବା ଜାରି ରହିଥିବାରୁ ଜଳସ୍ତର ଆହୁରି ବଢ଼ିବ। ୧୫ ତାରିଖ ସୁଦ୍ଧା ମୁଣ୍ଡଳୀ ଦେଇ ୭ ଲକ୍ଷ କ୍ୟୁସେକ୍‌ରୁ ଅଧିକ ଜଳ



ପ୍ରବାହିତ ହେବ। ବର୍ତ୍ତମାନ କୌଣସି ସ୍ଥାନରେ ନଦୀବନ୍ଧ ଭାଙ୍ଗିବା ନେଇ ଖବର ଆସିନାହିଁ। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରହିଛି। ୧୮ଟି ସ୍ଥାନରେ ନଦୀ ବନ୍ଧ ଦୁର୍ବଳ ଥିଲା। ତାକୁ ମରାମତି କରାଯାଇଛି। ମାତ୍ର ତାହା ଉପରେ ନଜର ରଖାଯାଇଛି। ଅଗଷ୍ଟ ୨୧ ଯାଏଁ ୬୨୨ ଫୁଟ ପର୍ଯ୍ୟନ୍ତ ପାଣି ହୀରାକୁଦ ଜଳଭଣ୍ଡାରରେ ରଖିହେବ ବୋଲି କହିଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର।

# ମହାନଦୀରେ ବନ୍ୟା ଆଶଙ୍କା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମହାନଦୀରେ ଛୋଟ ଧରଣର ବନ୍ୟା ଆଶଙ୍କା ରହିଛି ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯଦି ଉପର ମୁଣ୍ଡରେ ଅର୍ଥାତ୍ ଛତିଶଗଡରେ ବର୍ଷା ଲାଗି ରହେ ଏବଂ ଓଡ଼ିଶାରେ ବି ଏହି ବର୍ଷା ଜାରି ରହେ, ତେବେ ମହାନଦୀରେ ସ୍ୱଳ୍ପ ଧରଣର ବନ୍ୟା ଆମେ ଦେଖିବା। ଆସନ୍ତା କାଲି ୮ଟା ବେଳେ ମୁଣ୍ଡଳୀ ଦେଇ ୬ଲକ୍ଷ କ୍ୟୁସେକ ପାଣି ଅତିକ୍ରମ କରିବ।

ସେପଟେ ଛତିଶଗଡରେ ପ୍ରବଳ ବର୍ଷା ହେଉଥିବାରୁ ତାଙ୍କର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ହୀରାକୁଦର ଅଧିକ... (ପୃଷ୍ଠା-୨)




# ଜଗତସିଂହପୁର ଜିଲ୍ଲାପାଳ ପ୍ରସ୍ତୁତ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରବିବାର ଅପରାହ୍ନରେ ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ସମ୍ଭାବ୍ୟ ବନ୍ୟାଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜଗତସିଂହପୁର ଜିଲ୍ଲାପାଳଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ... (ପୃଷ୍ଠା-୨)



## ନଦୀବନ୍ଧ ସୁରକ୍ଷିତ:ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଶତପଥୀ

ଜଗତସିଂହପୁର ଜଳସଂପଦ ବିଭାଗର ଦକ୍ଷ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଶତପଥୀ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ଭୟଭିତ ନ ହେବା ପାଇଁ ସୂଚନା ଦେଇଛନ୍ତି। ଦେବୀ... (ପୃଷ୍ଠା-୨)



# ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱରେ ବିଷ୍ଣୁପଦ ସେଠୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିଷ୍ଣୁପଦ ସେଠୀ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଆଦି ସଂପର୍କରେ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।



ବିଭାଗକୁ ଅଧିକ କ୍ରିୟାଶୀଳ କରିବା ତଥା ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଉପରେ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ।

# ନବୀନଙ୍କ ମାନସ ସନ୍ତାନ ଆଦର୍ଶ ବିଦ୍ୟାଳୟ-ମନ୍ତ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗତ ୧୦ ତାରିଖ ପୂର୍ବାହ୍ନରେ ଲୋକସେବା ଭବନରେ ସମ୍ମିଳନୀ କକ୍ଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ୬ଷ୍ଠ ସାଧାରଣ ପରିଷଦ ବୈଠକରେ ଅଧକ୍ଷତା କରି କହିଲେ ଯେ, ଶିକ୍ଷା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନ କରିଦେଇପାରେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ହେଉଛି ମୁଖ୍ୟମନ୍ତ୍ରୀଙ୍କର ମାନସ ସନ୍ତାନ। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ



ଶିକ୍ଷକମାନଙ୍କୁ ବିଭିନ୍ନ ବିଷୟଭିତ୍ତିକ ପ୍ରଶିକ୍ଷଣ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ବିକାଶ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ। କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ୍ ଅଧିନ କୋଟିଆ ଗ୍ରାମପଞ୍ଚାୟତର ଗଞ୍ଜେଇପଦରଠାରେ କାର୍ଯ୍ୟକ୍ଷମ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବର୍ତ୍ତମାନ ସ୍ଥିତି ଉପରେ ମନ୍ତ୍ରୀ ଶ୍ରୀ ଦାଶ ସନ୍ତୋଷ ପ୍ରକାଶ କରିଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏସ୍. ଅଶ୍ୱସ୍ଥୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡିକର ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱାରୋପ କରି ସମସ୍ତ ଅଧିକାରୀମାନଙ୍କୁ ସଠିକ୍ ଭାବରେ କାର୍ଯ୍ୟକ୍ରମର ସୁପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ।

ଏହି ପରିଷଦ ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ(ଓସେପା) ଅନୁପମ ଶାହାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଓଡ଼ିଶା **ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମକେଶରୀ ମହାପାତ୍ର** ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରପତିଙ୍କ ପୋଲିସ୍ ପଦକ ପାଇବେ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-**

ସ୍ୱାଧୀନତା ଦିବସ ଅବସରରେ ଚଳିତ ବର୍ଷ ଓଡ଼ିଶାରୁ ୧୫ଜଣ ପୋଲିସ୍ କର୍ମଚାରୀଙ୍କୁ ସେବା ପଦକ ମିଳିବ। ସେମାନଙ୍କ ମଧ୍ୟରୁ ଦୁଇଜଣ ପୋଲିସ୍ କର୍ମଚାରୀଙ୍କୁ "ସାହାସିକତା ପୋଲିସ୍ ପଦକ" ଦୁଇଜଣଙ୍କୁ "ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତିଙ୍କ ପୋଲିସ୍ ପଦକ" ଏବଂ ୧୧ ଜଣଙ୍କୁ ପୋଲିସ୍ ପଦକ ପାଇବାକୁ ମନୋନୀତ କରାଯାଇଛି। ସହାସିକତା ପାଇଁ ଓଡ଼ିଶାରୁ ଯେଉଁ ଦୁଇଜଣ ପୋଲିସ୍ ପଦକ ପାଇବେ ସେମାନେ ହେଲେ କମାଣ୍ଡୋ କୁମାର କର୍ମୀ ଓ କମାଣ୍ଡୋ ପିତବାସ ପାଣ୍ଡେ। ସେହିପରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତିଙ୍କ ପୋଲିସ୍ ପଦକ ପାଉଥିବା ଦୁଇଜଣ ଅଧିକାରୀ ହେଉଛନ୍ତି ଭୁବନେଶ୍ୱର କଟକ ପୋଲିସ୍ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଏବଂ ଭୁବନେଶ୍ୱରସ୍ଥିତ "ସିକ୍ୟୁରିଟି ୱିଙ୍ଗ୍"ର ଭାରପ୍ରାପ୍ତ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ସରୋଜ କୁମାର ମହାପାତ୍ର। ଏହାଛଡା ଗୁଣାତ୍ମକ ସେବା ପାଇଁ ପୋଲିସ୍ ପଦକ ପାଇଥିବା ୧୧ଜଣ ପୋଲିସ୍ କର୍ମଚାରୀମାନେ ହେଉଛନ୍ତି, କଟକ ଭିଜିଲାନ୍ସ ସେଲ୍ ନିର୍ଦ୍ଦାଶାଳୟର ଅତିରିକ୍ତ ପୋଲିସ୍ ସୁପରିଟେଣ୍ଡେଣ୍ଟ୍ ପ୍ରକାଶ କୁମାର ନାୟକ, ଭୁବନେଶ୍ୱର "ଏସ୍‌ଟିଏଫ୍", "ସିଆଇଡି", "ସିବି"ର ଡେପୁଟି ପୋଲିସ୍ ସୁପରିଟେଣ୍ଡେଣ୍ଟ୍ ସଚ୍ଚିଦାନନ୍ଦ ରଥ, ଭୁବନେଶ୍ୱରର "ବିପିଏସ୍‌ପି"ର ଡେପୁଟି ପୋଲିସ୍ ସୁରପିଟେଣ୍ଡେଣ୍ଟ୍ ଗୁରୁପ୍ରସାଦ ଶିବଶଙ୍କର ନନ୍ଦ, ରାଉରକେଲା ଡେପୁଟି ପୋଲିସ୍ ସୁପରିଟେଣ୍ଡେଣ୍ଟ୍ ବନୀତା ମାଝୀ, କଟକ "ସିଆଇଡି", "ସିବି"ର ପୋଲିସ୍ ସବ୍-ଇଂନିସ୍ପେକ୍ଟର ଏନ୍.ତ୍ରିନାଥ ଦୋରା, ସମ୍ବଲପୁର ସ୍ପେସାଲ୍ ସ୍କାର୍ଡ୍‌ର ସହକାରୀ ପୋଲିସ୍ ସବ୍‌ଇଂନିସ୍ପେକ୍ଟର ମହମ୍ମଦ ଜାହାଙ୍ଗୀର, ଝାରସୁଗୁଡା "ଓଏସ୍‌ପି" ୨ୟ ବାଟାଲିୟନ୍‌ର ହାବିଲଦାର ବିଷ୍ଣୁ କୁମାର ବୁରା, ଅନୁଗୁଳର ଡ୍ରାଇଭର ହାବିଲଦାର ହୃଷିକେଶ ବାରିକ, କୋରାପୁଟର "ଏସ୍‌ଓପି" "ଏଇଟି" ଏବଂ "ଆର୍‌ସି"ର ସହକାରୀ ଆରମୌରର ବସନ୍ତ କୁମାର ଡାକୁଆ, ସୁନ୍ଦରଗଡ "ବିଏଫ୍‌ଏସ୍‌ଏଲ୍"ର କନେଷ୍ଟବଳ ଅଞ୍ଜନ କୁମାର ମହାନ୍ତି ଓ କୋରାପୁଟ "ଓଏସ୍‌ଏପି" ୩ୟ ବାଟାଲିୟନ୍‌ର ସିପାହୀ ପ୍ରଶାନ୍ତ ପରିଡା।



# ଓଡ଼ିଶାରେ ନୂତନ 'ଆମ ଜନତା ଦଳ'

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ବିରୋଧୀ ଦଳ ଶୂନ୍ୟ ପ୍ରାୟ। ବିନା ବିରୋଧୀ ଦଳରେ ଗଣତନ୍ତ୍ର ଦୁର୍ବଳ। ତେଣୁ ଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା ଲକ୍ଷ୍ୟ ନେଇ 'ଆମ ଜନତା ଦଳ' ବା 'ଏଜେଡି' ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ତିରିଶିଟି ଜିଲ୍ଲାରୁ ଯୁବକଯୁବତୀଙ୍କୁ ମନୋନୀତ କରି ଦଳ ପ୍ରତିଷ୍ଠା କରିବା ଦାୟିତ୍ୱ ମୁଣ୍ଡାଇଛି ଏନ୍‌ୟୁବିସି ନେତା ସୀତାରାମ ବେହେରା। ଏନ୍‌ୟୁବିସି ଏବେ 'ଟାଟା ପାୱାର ଗୋ ବ୍ୟାକ୍' ଅଭିଯାନର ନେତୃତ୍ୱ ନେଉଛି। ବିଗତ ୧୫ ଦିନ ଭିତରେ ପ୍ରାୟ ସାଢେ ଦୁଇଲକ୍ଷ ଲୋକ ଟାଟା ପାୱାର ବିରୋଧୀ ଅଭିଯାନକୁ ସମର୍ଥନ କରିଛନ୍ତି। ଏନ୍‌ୟୁବିସି ସହିତ ମତ ବିନିମୟ ସମୟରେ ଅଧିକାଂଶ ଲୋକ ରାଜ୍ୟରେ ନୂଆ ଦଳ ଗଠନ ସମ୍ପର୍କରେ ପରାମର୍ଶ ଦେଉଛନ୍ତି।

ଲୋକଙ୍କ ପରାମର୍ଶକୁ ସମ୍ମାନ ଦେବାକୁ ଯାଇ 'ଆମ ଜନତା ଦଳ' ଗଠନ କରୁଛୁ। ତେଣୁ ଦଳର ଭାଗ୍ୟ ଲୋକମାନଙ୍କ ଉପରେ ଛାଡି ଦେଉଛୁ ବୋଲି କହିଛନ୍ତିତ ଏନ୍‌ୟୁବିସି ନେତା ସୀତାରାମ ବେହେରା। ଏକଦା ବିଜୁ ପଟ୍ଟନାୟକଙ୍କ ନିକଟତମ ଲୋକ ଭାବେ ଜଣାଶୁଣା ସୀତାରମ ବେହେରା ଏବେ ମଧ ବିଜୁବାବୁଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତି।




ତାଙ୍କ ମତରେ ବିଜୁବାବୁ ଓ ନବୀନବାବୁଙ୍କ ଭିତରୁ ବିଜୁବାବୁଙ୍କ ଲୋକପ୍ରିୟତା ସବୁବେଳେ ଆଗରେ ରହିବ। ତାଙ୍କରି ଆଦର୍ଶକୁ ଆୟୁଧ କରି 'ଆମ ଜନତା ଦଳ' କାମ କରିବ। ଅଗଷ୍ଟ ୩୦ ତାରିଖ କ୍ରାନ୍ତି ଦିବସ ଅବସରରେ 'ଆମ ଜନତା ଦଳ'କୁ ଔପଚାରିକ ଭାବେ ଘୋଷଣା କରାଯିବ। ଅଗଷ୍ଟ ୩୦ ତାରିଖଟିକୁ 'ଆମ ଜନତା ଦଳ'ର ପ୍ରତିଷ୍ଠା ଦିବସ ଭାବେ ଧରି ନିଆଯିବ।

# ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ. ଅରବିନ୍ଦ କୁମାର ପାଢୀ ଆଜି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଡ. ପାଢୀଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ।

ଏହି ଅବସରରେ ଡ. ପାଢୀ ବିଭାଗୀୟ ଅଧିକାରୀମାନଙ୍କଠାରୁ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ



ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ପଚାରି ବୁଝିବା ସହିତ କାର୍ଯ୍ୟକ୍ରମ ରୂପାୟନରେ ସଂପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ଓ ଦଳମତ ମନୋଭାବ ନେଇ କାର୍ଯ୍ୟ ସଂପାଦନ ନିମନ୍ତେ ପରାମର୍ଶ ଦେଇଥିଲେ। କୃଷି ରାଜ୍ୟ ଅର୍ଥନୀତିର ଅନ୍ୟତମ ମୁଖ୍ୟ ସ୍ରୋତ ହୋଇଥିବା ପରିପ୍ରେକ୍ଷୀରେ କୃଷିର ଉନ୍ନତିରେ ରାଜ୍ୟର ଉନ୍ନତି ସାଧିତ ହୋଇପାରିବ ବୋଲି ଦର୍ଶାଇଥିଲେ। ରାଜ୍ୟର ଲୋକସଂଖ୍ୟାର ଏକ ବୃହତ ଭାଗ ସେମାନଙ୍କ ଜୀବିକା ନିର୍ବାହ ନିମନ୍ତେ କୃଷି ଓ ଆନୁଷଙ୍ଗିକ କୃଷି ଉପରେ ନିର୍ଭର କରୁଥିବାବେଳେ କୃଷି ଓ କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ଓ ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକଗୁଡିଏ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ସଫଳ ରୂପାୟନ କରି ଯୋଜନାର ସୁଫଳକୁ ଚାଷୀମାନଙ୍କ ନିକଟରେ ସିଧାସଳଖ ପହଞ୍ଚାଇବା ନିମନ୍ତେ ଡ. ପାଢୀ କହିଥିଲେ।

# ସନ୍ଦେହରେ ଅଭିଯୁକ୍ତଙ୍କୁ ଦୋଷୀ କୁହାଯାଇପାରିବ ନାହିଁ:ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏକ ହତ୍ୟା ମାମଲାରେ ଜଣେ ବ୍ୟକ୍ତିଙ୍କୁ ଦୋଷମୁକ୍ତ କରିବା ସହ ସୁପ୍ରିମ୍‌କୋର୍ଟ ଗୁରୁବାର କହିଛନ୍ତି ଯେ କୌଣସି ଅଭିଯୁକ୍ତଙ୍କୁ କେବଳ ସନ୍ଦେହ ଆଧାରରେ ଦୋଷୀ କୁହାଯାଇପାରିବ ନାହିଁ, ସନ୍ଦେହ ଯେତେ ଦୃଢ ହୋଇଥାଉନା କାହିଁକି।



ସୁପ୍ରିମ୍‌କୋର୍ଟ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଚାଲେଞ୍ଜ କରୁଥିବା ଏକ ଅପିଲ୍ ଉପରେ ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ଅପିଲ୍ ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ହାଇକୋର୍ଟ ଭାରତୀୟ ଦଣ୍ଡ ସଂହିତା, ୧୮୬୦ର ଧାରା ୩୦୨(ହତ୍ୟା) ଏବଂ ଧାରା ୨୦୧(ପ୍ରମାଣ ନଷ୍ଟ)ରେ ଦୋଷୀ କହିବା ସହ ଆଜୀବନ ଜେଲଦଣ୍ଡାଦେଶ ଶୁଣାଇଛନ୍ତି।

ବିଚାରପତି ବି.ଅର୍. ଗଓ୍ୱଇ ଏବଂ ବିଚାରପତି ପି.ଏସ୍. ନରସିମହା ଖଣ୍ଡପୀଠ କହିଛନ୍ତି ଯେ ଅଭିଯୁକ୍ତଙ୍କୁ ସେ ପର୍ଯ୍ୟନ୍ତ ନିର୍ଦ୍ଦୋଷ କୁହାଯିବ ଯେଉଁ ପର୍ଯ୍ୟନ୍ତ ପ୍ରକୃତ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇନାହିଁ। ପୀଠ କହିଛନ୍ତି ଯେ ଲିଖିତ କାନୁନ୍ ରହିଛି, ଯେତେବି ସନ୍ଦେହ ହେଉ ନା କାହିଁକି, ଉଚିତ ସନ୍ଦେହ ପ୍ରମାଣର ସ୍ଥାନ ନେଇପାରିବ ନାହିଁ।

କୌଣସି ଅଭିଯୁକ୍ତଙ୍କୁ ସନ୍ଦେହ ଆଧାରରେ ଦୋଷୀ କୁହାଯାଇପାରିବ ନାହିଁ। ସନ୍ଦେହ ଯେତେ ଦୃଢ ହୋଇଥାଉ ନା କାହିଁକି। ପୀଠ କହିଥିଲେ ଯେ ଏହି ମାମଲାରେ ଆମେ ପାଇଲୁ ଯେ ଜିଲ୍ଲା କୋର୍ଟ ହାଇକୋର୍ଟ ରାୟ ଯୁକ୍ତିଯୁକ୍ତ ନୁହେଁ।

# ୨୦୩୧ରେ ବିଶ୍ୱର ସର୍ବବୃହତ ଅର୍ଥନୀତି ହେବ ଭାରତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୨୦୩୧ ସୁଦ୍ଧା ବିଶ୍ୱର ଦ୍ୱିତୀୟ ସର୍ବବୃହତ ଅର୍ଥନୀତି ହେବାର କ୍ଷମତା ରଖିଛି ଭାରତ। ଏମିତିକି ୨୦୬୦ ସୁଦ୍ଧା ଚୀନକୁ ଟପି ବିଶ୍ୱର ସର୍ବବୃହତ ଅର୍ଥନୀତି ହୋଇପାରିବ ଭାରତ। ଏଭଳି ଗୋଲାପି ସ୍ୱପ୍ନ ଦେଖାଇଛନ୍ତି ଆର୍‌ବିଆଇ ଡେପୁଟି ଗଭର୍ଣ୍ଣର ଡକ୍ଟର ମାଇକେଲ ଦେବବ୍ରତ ପାତ୍ର। ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଆଜଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ସେ ଏମିତି ସ୍ୱପ୍ନ ଦେଖାଇଛନ୍ତି। ସେ କହିଛନ୍ତି, ଭାରତ ଏବେ ବିଶ୍ୱର ଷଷ୍ଠ ବୃହତ ଅର୍ଥନୀତି କିନ୍ତୁ କ୍ରୟ ଶକ୍ତି ସମତା(ପିପିପି) ଆଧାରରେ ଚୀନ ଓ ଆମେରିକା ପରେ ବିଶ୍ୱ ଜିଡିପିର ୭% ଅଂଶୀଦାର ସହ ଭାରତ ଏବେ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି। ୨୦୨୭ରେ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବ ଭାରତ। ଓଇସିଡି



ଆକଳନ ଅନୁସାରେ ୨୦୪୮ ସୁଦ୍ଧା ଭାରତ ଆମେରିକା ଅର୍ଥନୀତିକୁ ଟପିବ। ଚୀନ ପରେ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହେବ ଭାରତ। ସେ କହିଛନ୍ତି, ଭାରତ ନିଜର ଡେମୋଗ୍ରାଫିକ ଡିଭିଡେଣ୍ଡ, ମାନୁଫାକଚରିଂ, ରପ୍ତାନୀ ଓ ଅର୍ଥନୀତିକରଣର ଜରିଆରେ ଏହି ଲକ୍ଷ୍ୟ ହାସଲ କରିପାରିବ। ତେବେ ଏହି ଲକ୍ଷ୍ୟ ହାସଲରେ ଅନେକ ପ୍ରତିବନ୍ଧକ ରହିଛି।

କରୋନା ଯୋଗୁଁ ଲୋକଙ୍କ ଜୀବନ ଜୀବିକା ଓ ଉତ୍ପାଦନ ବହୁଳ ପରିମାଣରେ ପ୍ରଭାବିତ ହୋଇଛି। ଏସବୁରେ ପୂର୍ବ ସ୍ଥିତିକୁ ଫେରିବାକୁ ଭାରତକୁ ପ୍ରାୟ ୧୦ବର୍ଷ ଲାଗିଯିବ। ସେହିଭଳି ନିବେଶରେ ଭାରତ ବିଶ୍ୱରେ ବହୁ ପଛରେ। ଏମିତିକି ଭାରତୀୟ ଶ୍ରମବଳରେ କେବଳ ୪୬.୨% ନିଯୁକ୍ତିକ୍ଷମ, ଯାହାକି ଅର୍ଥନୀତି ବିକାଶରେ ପ୍ରତିବନ୍ଧକ। ଆର୍‌ବିଆଇ ଡେପୁଟି ଗଭର୍ଣ୍ଣର କହିଛନ୍ତି, ଯଦି ଭାରତ ଏସବୁ ଚ୍ୟାଲେଞ୍ଜକୁ ମୁକାବିଲା କରିପାରିବ, ତେବେ ଆଗାମି ଦଶନ୍ଧୀରେ ୧୧ ପ୍ରତିଶତ ହାରରେ ବିକାଶ କରିପାରିବ। ଏଭଳି ସ୍ଥିତିରେ ଭାରତ ୨୦୪୮ ନୁହେଁ, ୨୦୩୧ରେ ବିଶ୍ୱରେ ଦ୍ୱିତୀୟ ସର୍ବବୃହତ ଅର୍ଥନୀତିରେ ପରିଣତ ହେବ ଓ ୨୦୬୦ ସୁଦ୍ଧା ବିଶ୍ୱର ସର୍ବବୃହତ ଅର୍ଥନୀତି ହେବ।

# ପ୍ରିକସନ ଡୋଜ୍ 'କର୍ବେଭାକ୍ସ'

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପୂର୍ବରୁ କୋଭାକ୍ସିନ ବା କୋଭିସଲଡ ଟିକା ନେଇଥିବା ୧୮ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ବ୍ୟକ୍ତି ପ୍ରିକସନ ବା ବୁଷ୍ଟର ଡୋଜ୍ ଭାବେ ବାୟାଲୋଜିକାଲ ଇ ର କର୍ବେଭାକ୍ସ ନେଇ ପାରିବ ବୋଲି ସରକାର ଅନୁମତି ପ୍ରଦାନ କରିଛନ୍ତି। ପ୍ରଥମ ଥର ପାଇଁ କୋଭିଡ୍ ୧୯ର ପ୍ରତିଷେଢ୍-୧୯ର ପ୍ରତିଷେଧ ନିମନ୍ତେ ପ୍ରାଥମିକ ଟିକାକରଣରେ ନିଆଯାଇଥିବା ଟିକାଠାରୁ ଏକ ଭିନ୍ନ ଟିକାକୁ ବୁଷ୍ଟର ଡୋଜ୍ ଆକାରରେ ନେବାକୁ ସରକାରୀ ଅନୁମିତ ମିଳିଛି। ନ୍ୟାସନାଲ ଟେକ୍ନିକାଲ ଆଡ୍ ଭାଇଜରି ଗ୍ରୁପ ଅନ୍ ଇମ୍ୟୁନାଇଜେସନ୍ କୋଭିଡ-୧୯ ଓ୍ୱାର୍କିଂ ଗ୍ରୁପର




ସୁପାରିସକ୍ରମେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଅନୁମତି ପ୍ରଦାନ କରିଛନ୍ତି ସରକାରୀ ଘୋଷଣା ଅନୁଯାୟୀ କୋଭାକ୍ସିନ ବା କୋଭିସିଡର ଦ୍ୱିତୀୟ ଡୋଜ୍ ନେବାର ୬ମାସ ବା ୨୬ସପ୍ତାହ ପରେ ୧୮ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ବ୍ୟକ୍ତି କର୍ବେଭାକ୍ସକୁ ବୁଷ୍ଟର ଡୋଜ୍ ଭାବେ ନେଇପାରିବ। ତେବେ ଯେଉଁମାନେ ଚାହିବେ ସମାନ ଟିକା ବି ନେଇପାରିବେ , ଅର୍ଥାତ୍ କୋଭାର୍କ୍ସିନ ନେଇଥିବା ବ୍ୟକ୍ତି କୋଭାକ୍ସିନ ଏବଂ କୋଭିସିଲ୍‌ଡ ନେଇଥିବ । ବ୍ୟକ୍ତି କୋଭିସିଲ୍‌ଡ ତୃତୀୟ ଡୋଜ୍ ଭାବେ ନେଇପାରିବ ବୋଲି କୁହାଯାଇଛି।

# ଖାତାରେ ୫୦୦ଟଙ୍କା ଗୁନ୍ଥିଥିଲେ, ଦଣ୍ଡିତ ହେଲେ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ସଂକ୍ରମଣ ଆରମ୍ଭ ହେବା ପରଠାରୁ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିଛି। ସ୍କୁଲ କଲେଜ ବନ୍ଦ ସହ ପିଲାମାନଙ୍କୁ ଘରେ ରହି ପାଠ ପଢିବାକୁ ପଡୁଛି ଏବେ ସ୍ଥିତିରେ ଟିକେ ସୁଧାର ଆସିଥିଲେ ବି ଦୁଇ ବର୍ଷର ବ୍ୟବଧାନ ପିଲାଙ୍କ ମାନସିକତାରେ ଅନେକ ପରିବର୍ତ୍ତନ ଆଣିଛି। ତେବେ ପାଠ ପଢାରେ ବାଧା ସୃଷ୍ଟି ହେବା ପରେ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ପାସ୍ କରିବା ପାଇଁ ଜଣେ ଛାତ୍ର କରିଥିବା କାମ ଚର୍ଚ୍ଚାରେ ରହିଛି। ସୂଚନା ମୁତାବକ , ଚଳିତ ମେ ମାସରେ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଫଳ ବାହାରିଥିଲା ଏପ୍ରିଲ ମାସରେ ବୋର୍ଡ ପରୀକ୍ଷା ହୋଇଥିବା ବେଳେ




ବିଜ୍ଞାନଷ୍ଟ୍ରିମ ନେଇଥିବା ଛାତ୍ରଜଣଙ୍କ ରସାୟନ ବିଜ୍ଞାନ ପରୀକ୍ଷା ଖାତାରେ ୫୦୦ଟଙ୍କିଆ ନୋଟ ଗୁନ୍ଥି ଦେଇଥିଲେ। ପରୀକ୍ଷା ଭଲ ନହେବାରୁ ପାସ୍ କରାଇଦେବାକୁ ଲେଖି ୫୦୦ଟଙ୍କା ଛାତ୍ର ଖାତା ଦେଖୁଥିବା ଶିକ୍ଷକ ଛାତ୍ରଙ୍କ ଏଭଳି କାମ ଦେଖି ତୁରନ୍ତ ବୋର୍ଡ ସଦସ୍ୟଙ୍କୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଥିଲେ। ସୂଚନା ପାଇ ଛାତ୍ରଙ୍କ ବିବୃତି ରେକର୍ଡ କରିବା ପରେ ବୋର୍ଡର ପରୀକ୍ଷା ତାଙ୍କ ଫଳାଫଳକୁ ଅଟକାଇବା ବର୍ଷେ ପାଇଁ ପରୀକ୍ଷା ଦେବା ନିଷେଧ କରିଛନ୍ତି। ଦଣ୍ଡ ସ୍ୱରୂପ ତାଙ୍କୁ ଆସନ୍ତା ବର୍ଷ ମାର୍ଚ୍ଚରେ ବୋର୍ଡ ପରୀକ୍ଷା ପାଇଁ ହଜାର ହେବାକୁ ପଡିବ। ଯଦିଓ ଦୁଇଟି ବିଷୟରେ ଫେଲ୍ ହୋଇଥିବା ଛାତ୍ରଛାତ୍ରୀମାନେ ଜୁଲାଇରେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାକୁ ଅନୁମତି ମିଳେ, କିନ୍ତୁ ଏହି ଛାତ୍ରଙ୍କୁ ଦଣ୍ଡ ମିଳିଥିବାରୁ ତାଙ୍କୁ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଅନୁମତି ମିଳିନାହିଁ।

# ସିଇଓ କାନ୍ଦିଲେ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନିଜ ସଂସ୍ଥାର କିଛି କର୍ମଚାରୀଙ୍କୁ ଛଟେଇ କରିବା କରିବା ପଟେ କାନ୍ଦି ପକାଇଛନ୍ତି ସିଇଓ ସେ ହେଉଛନ୍ତି ହାଇପର୍‌ସୋସିଆଲ୍ ନାମକ ସଂସ୍ଥାର ସୁଇଓ ବ୍ରଡୋନ୍ ଓ୍ୱାଲାକେ। ବୃତ୍ତଧାରୀଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଲିଙ୍କଡ୍‌ଇନ୍‌ରେ ସେ ଲେଖିଛନ୍ତି।

ସେ ଲେଖିଛନ୍ତି। ସେ ଲେଖିଛନ୍ତି ଗତ କିଛି ସପ୍ତାହ ଭିତରେ ବହୁ ଛଟେଇକୁ ଦେଖିଛି । କିଛି ଅର୍ଥନୀତିରେ କିଛି ସପ୍ତାହ ଭିତରେ ବହୁ ଛଟେଇକୁ ଦେଖିଛି । କିଛି ଅର୍ଥନୀତିରେ ମାନ୍ଦାବସ୍ଥା କାରଣ ପାଇଁ ହୋଇଥିବା ବେଳେ ଆଉ କେତେକ ଆଉ କେତେକ କ୍ଷେତ୍ରରେ ଅନ୍ୟାନ୍ୟ କାରଣ ରିହିଛି। ମାତ୍ର ଆମ କ୍ଷେତ୍ରରେ ମୋର ଏକ ଭୁଲ ନିଷ୍ପତ୍ତି ଯୋଗୁଁ



କର୍ମଚାରୀ ଛଟେଇ କରିବାକୁ ବାଧ ହୋଇଛୁ। ମୋ ପାଇଁ ଏହା ସବୁଠୁ କଠିନ ନିଷ୍ପତ୍ତି ଥିଲା ଏହି କାହାଣୀ ଜରିଆରେ ସେ ଏହା ଜଣାଇବାକୁ ଚାହିଁଛନ୍ତି ଯେ ସବୁ ସିଇଓ କଠୋର ନୁହନ୍ତି। ମୁଁ ଆମର ସବୁ କର୍ମଚାରୀଙ୍କୁ ଭଲ ପାଏ। ପେସାଦାର ଜୀବନରେ ଯଦିଓ ସମସ୍ତଙ୍କୁ ଏହା ସମ୍ଭବ ନୁହେଁ, କିନ୍ତୁ ଏହା ସତ ଶ୍ରେଷ୍ଠ ହୃଦୟ ଓ ଶ୍ରେଷ୍ଠ ଆତ୍ମାର ଲୋକଙ୍କୁ ଆମେ ନିଯୁକ୍ତି ଦେଇଥାଉ। ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଛଟେଇ କରିବା ମୋ ଜୀବନର ସବୁଠୁ ଖରାପ ମୁହୂର୍ତ୍ତ ବୋଲି ସେ କହିଛନ୍ତି। ସେ ଏହି ପୋଷ୍ଟ କରିବା ପରେ ଲିଙ୍କଡ୍‌ଇନରେ ବିତର୍କ ଆରମ୍ଭ ହୋଇଯାଇଛି। କର୍ମଚାରୀଙ୍କ ପ୍ରତି ତାଙ୍କ ସମ୍ବେଦନଶୀଳ ମନୋଭାବକୁ ବହୁଲୋକ ପସନ୍ଦ କରିଛନ୍ତି ଆଉ କିଛି ଲୋକ ପ୍ରଶ୍ନ କରିଛନ୍ତି ଯେ ଯେଉଁ ସିଇଓଙ୍କ ଭୁଲ ନିଷ୍ପତ୍ତି ପାଇଁ ଏଭଳି ଘଟଣା ଘଟିଲା ସେ କାହିଁକି ବିଦା ହେଲେ ନାହିଁ।

# ତାଇଓ୍ୱାନ ଚାଇନାର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ତାଇଓ୍ୱାନ ଚାଇନାର ଅଂଶ, ଆମେରିକାର ନୁହେଁ ବୋଲି ଚାଇନା ବହିବ୍ୟାପାର ଓ୍ୱାଙ୍ଗ୍ ୟି ରବିବାର କହିଛନ୍ତି। ଚତୁରତାର ସହ ତାଇ ପ୍ରସଙ୍ଗର ନିଜକୁ ଯୋଡୁଛି ତାଇଓ୍ୱାନ ଉପରେ ଚାଇନାର କାର୍ଯ୍ୟାନୁଷ୍ଠାନ ଉପଯୁକ୍ତ ଏବଂ ଆଇନଗତ ବେଜିଂ ସର୍ବଜା ଏହାର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ରକ୍ଷା ଉଦ୍ଦେଶ୍ୟରେ ଏହା କରୁଛି ବୋଲି ବାଂଲାଦେଶ ଗସ୍ତ ଅବସରରେ ଓ୍ୱାଙ୍ଗ୍ ଏହା କହିଛନ୍ତି।



# ୬୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମାଗଣା ବସ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଉତ୍ତରପ୍ରଦେଶରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନଙ୍କୁ ସରକାରୀ ବସ୍‌ରେ ମାଗଣା ଯାତ୍ରା ସୁବିଧା ମିଳିବ। ଏ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ଟୁଇଟ ଯୋଗେ ଘୋଷଣା କରିଛିନ୍ତି। ଏଥିସହ ରାକ୍ଷୀପୂର୍ଣ୍ଣିମା ଅବସରରେ ମହିଳାମାନେ ୪୮ଘଣ୍ଟା ଅର୍ଥାତ୍ ଅଗଷ୍ଟ ୧୦ରାତି ୧୨ଟାରୁ ୧୨ରାତି ୧୨ଟା ପର୍ଯ୍ୟନ୍ତ ମାଗଣାରେ ବସ୍‌ରେ ଯାତାୟାତ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



## ପ୍ରଥମ ପୃଷ୍ଠାରୁ...

### ଛତିଶଗଡ...

ହୋଇସାରିଲାଣି ବୋଲି ଛତିଶଗଡ ମୁଖ୍ୟଯନ୍ତ୍ରୀ ରାକେଶ ନଗେରିଆ କହିଛନ୍ତି। ଛତିଶଗଡ ମୁଖ୍ୟ ଯନ୍ତ୍ରୀ ରାକେଶ ନଗେରିଆ ଓଡ଼ିଶାର ଏକ ଗଣମାଧମ ସହ ସାକ୍ଷାତକାରରେ ତାଙ୍କର ରୋଶ ପ୍ରକାଶ କରିଛନ୍ତି। ଛତିଶଗଡରେ ବନ୍ୟା ପରିସ୍ଥିତି ପାଇଁ ସେ ସଂପୂର୍ଣ୍ଣ ରୂପେ ଓଡ଼ିଶାକୁ ଦାୟୀ କରିଛନ୍ତି। ନଗେରିଆ ସ୍ପଷ୍ଟ କରି କହିଛନ୍ତି ଯେ- ଓଡ଼ିଶା କର୍ତ୍ତୃପକ୍ଷ ଗେଟ୍ ଖୋଲୁନାହାଁନ୍ତି, ତେଣୁ ଛତିଶଗଡରେ ବନ୍ୟା ପରିସ୍ଥିତି ଉପୁଜୁଛି। ଏବେ ହୀରାକୁଦରେ ଗେଟ୍ ଖୋଲାଯିବା ଆବଶ୍ୟକ। ଯଦ୍ୱାରା ଛତିଶଗଡ ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆସିପାରିବ। ପୂର୍ବରୁ ଓଡ଼ିଶା କର୍ତ୍ତୃପକ୍ଷ ଛତିଶଗଡକୁ ଏଭଳି ହଇରାଣ କରିସାରିଛନ୍ତି ବୋଲି ନଗେରିଆ ଅଭିଯୋଗ କରିଛନ୍ତି।

ସେପଟେ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଅତିରିକ୍ତ ଶାସନ ସଚିବ ପ୍ରଦୀପ ଜେନା ଗଣମାଧ୍ୟମକୁ କହିଛନ୍ତି ଯେ, ବର୍ଷା ହେବା ସ୍ୱଭାବିକ କଥା। ବ୍ୟାରେଜ୍ ଧର୍ମ ହେଉଛି ବର୍ଷା ଦିନ ଆସିଲେ ବ୍ୟାରେଜ୍ ଗେଟ୍ ଖୋଲିବ। ବ୍ୟାରେଜ୍‌କୁ ବନ୍ଦ ରଖାଯାଇପାରିବ ନାହିଁ। ଛତିଶଗଡ ଯେଉଁ କଲମା ବ୍ୟାରେଜ୍ କରିଛି ତାକୁ ବନ୍ଦ ରଖିପାରିବେନି, ନ ହେଲେ ଭାଙ୍ଗିଯିବ। ତେଣୁ ସେମାନେ ଖୋଲି ଦେଇଛନ୍ତି। ଏପରି ସ୍ଥିତିରେ ତାଙ୍କୁ ଦାୟୀ କରିବା ଠିକ୍ ହେବ ନାହିଁ। ସେମାନେ ଚାହିଁଲେ ମଧ ଉପର ମୁଣ୍ଡର ବର୍ଷା ପାଣିକୁ ରୋକି ପାରିବେନି। କମିଶନ ଜେନା ଆହୁରି କହିଛନ୍ତି ଯେ, ଛତିଶଗଡ ସରକାରଙ୍କ ତରଫରୁ ଆହୁରି ଅଧିକ ଗେଟ୍ ଖୋଲିବା ପାଇଁ ଅନୁରୋଧ କରାଯାଉଛି। ଆମେ କିନ୍ତୁ ତାଙ୍କ ଅନୁସାରେ ହୀରାକୁଦ ଗେଟ୍ ଖୋଲିପାରିବୁ ନାହିଁ। ସ୍ଥିତି ଦେଖି ଆମେ ପଦକ୍ଷେପ ନେବୁ ବୋଲି ଏସ୍‌ଆର୍‌ସି କହିଛନ୍ତି। ଏବେ ୩୪ଟି ଗେଟ୍ ଖୋଲାଯାଇଛି। ଇଂଜିନିୟର ଓ ବିଭାଗୀୟ ଅଧିକାରୀଙ୍କ ସହ ବୈଠକ କରିବା ପରେ ପଦକ୍ଷେପ ନିଆଯିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଛନ୍ତି।

### ମହାନଦୀରେ...

ଗେଟ୍ ଖୋଲିବା ନେଇ ଚାପ ପକାଉଛନ୍ତି। ମାତ୍ର ଆମେ ତାଙ୍କୁ ଜବାବରେ ଜଣାଇଛୁ ସ୍ଥିତି ଦେଖି ଆମେ ହୀରାକୁଦ ଗେଟ ଖୋଲିବୁ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ହୀରାକୁଦରେ ୨୪ଟି ଗେଟ ଖୋଲାଯାଇଥିବା ବେଳେ ଆଗକୁ ଏହା ବଢିପରେ। ସେହିପରି ବୈତରଣୀ ଓ ଜଳକା ନଦୀରେ ଜଳ ସ୍ତର ବଢିବାରେ ଲାଗିଛି। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସମସ୍ତଙ୍କ ଛୁଟି ବାତିଲ କରାଯାଇ ଆଲର୍ଟ ମୋଡରେ ରଖାଯାଇଛି। ଦୁର୍ବଳ ନଦୀ ବନ୍ଧ ଉପରେ କଡାକଡି ଭାବେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜଗତସିଂହପୁର...


ଅଧକ୍ଷତା କରି ଜିଲ୍ଲାପାଳ ପାରୁଲ୍ ପଟଓ୍ୱାରୀ କହିଥିଲେ ଲଘୁଚାପଜନିତ ବର୍ଷା ପ୍ରଭାବରେ ମହାନଦୀ ଏବଂ ଏହାର ଶାଖା ନଦୀର ଜଳସ୍ତର ବୃଦ୍ଧି ପାଇଁ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜଗତସିଂହପୁର ଜିଲ୍ଲାରେ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲ୍‌ଦାର, କ୍ଷତ୍ରୀୟ ଅଧିକାରୀମାନେ ସତର୍କ ରହିବାକୁ ଜିଲ୍ଲାପାଳ ଶ୍ରୀମତୀ ପଟଓ୍ୱାରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ତଳିଆ ଅଞ୍ଚଳର ଲୋକମାନଙ୍କୁ ଜିଲ୍ଲାରେ ଥିବା ୪୫ଗୋଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯିବ। ସେମାନଙ୍କ ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରିବାକୁ ବିଡିଓ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟସ୍ଥଳୀରେ ଜେନେରେଟର, ଟାଓ୍ୱାର ଲାଇଟ୍, ଟ୍ରୀ-କଟର, ଟଏଲେଟ୍ ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଆଶ୍ରୟସ୍ଥଳୀରେ ୨ଜଣ ପୁରୁଷ କର୍ମଚାରୀ ଓ ଜଣେ ମହିଳା କର୍ମଚାରୀ ଦାୟିତ୍ୱରେ ରହିବେ। ବୃଦ୍ଧ, ଭିନ୍ନକ୍ଷମ, ପ୍ରସୂତୀ ମହିଳା ଓ ଶିଶୁମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାନାନ୍ତର କରାଯିବା ଲାଗି ଜିଲ୍ଲାପାଳ ଶ୍ରୀମତୀ ପଟଓ୍ୱାରୀ ନିର୍ଦ୍ଦେଶ ଦେଇଛନ୍ତି।

### ନଦୀବନ୍ଧ...

ନଦୀ ବନ୍ଧ ମଜବୁତ୍ ଏବଂ ସୁରକ୍ଷିତ ରହିଛି। ଚଳିତ ଲଘୁଚାପ ଜନିତ ବର୍ଷା ଜଳ ଯୋଗୁଁ ଦେବୀ ନଦୀରେ ବନ୍ୟା ଜଳ ଆସୁଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କକତାମୂଳକ ପଦକ୍ଷେପ ଦିଆଯାଇଆସୁଛି। ଜଗତସିଂହପୁର ଜିଲ୍ଲାପାଳ ପାରୁଲ୍ ପଟଓ୍ୱାରୀ ମଧ ରବିବାର ଅପରାହ୍ନରେ ବୈଠକ ଡାକି ସମସ୍ତେ ଆଲର୍ଟ ରହିବା ପାଇଁ ନିର୍ଦ୍ଦେଶ ମଧ ଜାରିବା ସହିତ ପରାମର୍ଶ ଦେଇଛନ୍ତି। ଦେବୀ ନଦୀ ବନ୍ଧ ସୁରକ୍ଷିତ ଏବଂ କୌଣସି ଭୟଭିତ ହେବାର ନାହିଁ ବୋଲି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଶତପଥୀ ଜଣାଇଛନ୍ତି। ତଥାପି ବନ୍ୟାଜଳ ଆସୁଥିବାରୁ ସମସ୍ତ ଜନସାଧାରଣ ବିଶେଷ କରି ନଦୀକୂଳିଆ ଅଧିବାସୀ ସତର୍କତା ରହିବା ଲାଗି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଶତପଥୀ ନିବେଦନ କରିଛନ୍ତି।

# ମହାକାଶରେ ପରମାଣୁ ଅସ୍ତ୍ର ମୁତୟନ କରିପାରେ ଆମେରିକା ରୁଷ୍


**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁକ୍ରେନକୁ ନେଇ ରୁଷ୍ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଥମିବାର ନ ଧରୁନି। ଏବେ ରୁଷ ଆମେରିକା ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛି। ୟୁକ୍ରେନ ଯୁଦ୍ଧ ବାହାନରେ ଓାଶିଂଟନ ମହାକାଶରେ ପରମାଣୁ ଅସ୍ତ୍ର ମୁତୟନ କରିପାରେ ବୋଲି କହିଛି। ଏଭଳି ଆମେରିକାକୁ ଜବାବ ଦେବା ପାଇଁ ରୁଷ୍ ମଧ୍ୟଏହି ପଦକ୍ଷେପ ଗ୍ରହଣ କରିପାରେ ବୋଲି କୁହାଯାଉଛି। ୨୦୦୮ରେ ଆମୋରିକାର ଦୁଇ ଶତ୍ରୁ ରଷ୍ଟ୍ରରୁଷ ଏବଂ ଚୀନ୍ ମହାକାଶ ବାହାରେ ସାମରିକୀକରଣକୁ ରୋକିବା ପାଇଁ ଅନ୍ତର୍ଜାତୀୟ ଚୁକ୍ତି ପ୍ରସ୍ତାବ ଦେଇଥିଲେ। ତେବେ ଆମୋରିକା ଏହି ପ୍ରସ୍ତାବକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ



କହି ଖାରଜ କରିଦେଇଥିଲା ଏହି ଚୁକ୍ତି ନ ହେବାକରୁ ମହାକାଶରେ ଅସ୍ତ୍ରଶସ୍ତ୍ର ମୁତୟନ ଲାଗି ରୁଷ୍ ଏବଂ ଚୀନ୍ ସ୍ୱତନ୍ତ୍ର ହୋଇଯାଇଛନ୍ତି।

# ବିବାହିତ ଝିଅମାନେ କ୍ଷତିପୂରଣ ପାଇବେ:ହାଇକୋର୍ଟ

**ବେଙ୍ଗାଲୁରୁ(ସଂପର୍କବାର୍ତ୍ତା):-** ଦୁର୍ଘଟଣାରେ ଯଦି ପିତା-ମାତାଙ୍କର ମୃତ୍ୟୁ ହୁଏ, ତେବେ ବୀମା କମ୍ପାନୀରୁ କ୍ଷତିପୂରଣ ପାଇବାକୁ ତାଙ୍କ ବିବାହିତ ଝିଅ ହକଦାର ବୋଲି କର୍ଣ୍ଣାଟକର ହାଇକୋର୍ଟ କହିଛନ୍ତି । ହାଇକୋର୍ଟଙ୍କ କହିବା ମୁତାବକ ସୁପ୍ରିମକୋର୍ଟ କହିଛନ୍ତି ଯେ ବିବାହିତ ପୁଅମାନେ ମଧ ଏହି ମାମଲାରେ କ୍ଷତିପୂରଣ ପାଇବାକୁ ହକଦାର । ହାଇକୋର୍ଟ କହିଛନ୍ତି ଯେ ବିବାହିତି ପୁଅ ଓ ଝିଅଙ୍କ ମଧ୍ୟରେ ଭେଦଭାବ କରିପାରିବେ ନାହିଁ କୋର୍ଟ । ତେଣୁ ମୃତକଙ୍କ ବିବାହିତ ଝିଅମାନେ କ୍ଷତିପୂରଣ ପାଇବାକୁ ଯୋଗ୍ୟ ନୁହଁନ୍ତି ବୋଲି ସ୍ୱୀକାର କରାଯିବନି । ଜଷ୍ଟିସ ଏଚ୍ ପି ସାନ୍ଦେଶଙ୍କ ଗୋଟିଏ ବେଞ୍ଚ ଏକ ବୀମା କମ୍ପାନୀଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ ଶୁଣାଣି କରିଛନ୍ତି। ତେବେ ୧୨ଏପ୍ରିଲ୍ ୨୦୧୨ରେ ଉତ୍ତର କର୍ଣ୍ଣାଟକର ୟମନୁରେ ନିକଟରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରେଣୁକକା ୫୭ଙ୍କ ବିବାହିତ ଝିଅମାନଙ୍କୁ କ୍ଷତିପୂରଣ ଦେବାକୁ ଏହି ଆବେଦନକୁ ଚ୍ୟାଲେଞ୍ଜ କରାଯାଇଥିଲା ରେଣୁକାଙ୍କ ସ୍ୱାମୀ ତିନି ଝିଅ ଏବଂ ଗୋଟିଏ ପୁଅ କ୍ଷତିପୂରଣ ଦାବି କରିଥିଲେ। ମୋଟର ଦୁର୍ଘଟଣା ଦାବି ପରିବାର ସଦସ୍ୟଙ୍କୁ ବାର୍ଷିକ ସୁଧ ହାର ସହିତ ୫,୯,୬୦୦ଟଙ୍କା କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।


RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

ଅଗଷ୍ଟ ୧୫ ରୁ ୨୧, ୨୦୨୨, ଜଗତସିଂହପୁର

August 15 to 21 , 2022, Jagatsinghpur

www.samparkabarta.in



# କଟକରେ ପଲିଥିନ୍ ନିଷେଧ ପ୍ରହସନ !

**କଟକ(ତପନ ମହାନ୍ତି):-** ବିଷାକ୍ତ ପଲିଥିନ୍ ବ୍ୟବହାର ଉପରେ ଜୁଲାଇ ୧ରୁ ରାଜ୍ୟ ସରକାର କଟକଣା ଜାରି କରିଥିଲେ । ଏହାର ବ୍ୟବହାର ଓ ବିକ୍ରିକୁ ବେଆଇନ ଘୋଷଣା କରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଲୋକଦେଖାଣିଆଭାବେ ଚଢଉ କରାଯାଇ ଜୋରିମାନା ଆଦାୟ କରାଯାଇଥିଲା । ଏକ ସପ୍ତାହଧରି ଏହି ଅଭିଯାନ ଚାଲିଥିଲା। ଜୁଲାଇ ଶେଷ ସପ୍ତାହରେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା । ପୂର୍ବରୁ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଖୁଚୁରା ବ୍ୟବସାୟୀ ଅବାଧରେ ବିଷାକ୍ତ ପଲିଥିନ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଖୋଲାଖୋଲିଭାବେ ପୁଣି ପଲିଥିନ ବ୍ୟବହାର ଓ ବିକ୍ରି କରାଯାଉଥିଲାବେଳେ ସିଏମ୍‌ସି କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ହୋଇରହିଛନ୍ତି ।

ସୂଚନାଯୋଗ୍ୟ, ସରକାର ପ୍ରଥମେ ୨୦୧୮ ମହାତ୍ମାଗାନ୍ଧୀଙ୍କ ୧୪୯ତମ ଜୟନ୍ତୀରେ ରାଜ୍ୟରେ ପଲିଥିନ ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରିଥିଲେ । ଘୋଷଣାକୁ ୩ ବର୍ଷ ବିତିବାକୁ ବସିଥିବାବେଳେ ଏହାର କୌଣସି ପ୍ରଭାବ ପଡିନଥିଲା। ପରେ ୨୦୨୨ ଜୁଲାଇ ପହିଲାରୁ ରାଜ୍ୟ ସମେତ କଟକ ସହରରେ ପଲିଥିନ ନିଷିଧ କରାଯାଇଥିଲା । ସହରର ଗଳିକନ୍ଦିଠାରୁ ଆରମ୍ଭକରି ବଡ ବଡ ଦୋକାନରେ ଅବାଧରେ ପଲିଥିନ ବିକ୍ରି ଓ ବ୍ୟବହାର କରାଯାଛି । ଜିଲା ଓ କଟକ ମହାନଗର ନିଗମ କର୍ତ୍ତୃପକ୍ଷ ବି ଏହାକୁ ଦେଖୁଛନ୍ତି । ନିଗମ କର୍ତ୍ତୃପକ୍ଷ ପଲିଥିନ ବ୍ୟବହାର ରୋକିବାକୁ କୌଣସି ପଦକ୍ଷେପ ନେଉ ନଥିବାରୁ ପଲିଥିନ ବିକ୍ରୟ ଉପରେ ରୋକ ଲଗାଇବା ସମ୍ଭବପର ହୋଇନାହିଁ । କେବଳ କାଁ ଭାଁ ଦୋକାନ ଉପରେ ଚଢଉ କରି ନିଗମ ଦାୟିତ୍ୱ ଶେଷ କରିଛି ।

ସରକାର କଟକଣା ଜାରି କରିବା ପରେ ନିଗମ କର୍ତ୍ତୃପକ୍ଷ ଲୋକଦେଖାଣିଆଭାବେ ତତ୍ପରତା ପ୍ରକାଶ କରିଥିଲେ । ନିଗମ ପକ୍ଷରୁ ଗଠିତ ସ୍କ୍ୱାଡ ବିଭିନ୍ନ ଦୋକାନରେ ଚଢଉ କରିଥିଲା । କିଛିଦିନ ଚଢଉ ଜୋରଦାର କରାଯାଇଥିଲା । ନିଗମର କଡା ଆଭିମୁଖ୍ୟ ପରେ ସହରରେ ପଲିଥିନ ବ୍ୟବହାର ଓ ବ୍ୟବସାୟ କିଛିଦିନ ଧରି ସାମୟିକଭାବେ ବନ୍ଦ ରହିଥିଲା । ପଲିଥିନ ବଦଳରେ ବ୍ୟବସାୟୀମାନେ କାଗଜ ଠୁଙ୍ଗା ଓ ଅନ୍ୟ ବ୍ୟାଗ ବ୍ୟବହାର କରିଥିଲେ । ଦିନକୁ ଦିନ ଲୋକେ ଏହାକୁ ପଲିଥିନର ବିକଳ୍ପଭାବେ ଗ୍ରହଣ କରୁଥିବାବେଳେ ହଠାତ୍ ନିଗମ କର୍ତ୍ତୃପକ୍ଷ ଚଢଉ ବନ୍ଦ କରିଦେଇଥିଲେ । ନିଗମର ଅପାରଗତା ଯୋଗୁଁ ବର୍ତ୍ତମାନ ପଲିଥିନ ନିଷେଧ କେବଳ କାଗଜପତ୍ରରେ ସୀମିତ ରହିଛି । ସରକାର ବି ଏ ଦିଗରେ ନିଗମ ପର୍ତ୍ତୃପକ୍ଷଙ୍କୁ କୌଣସି ଚେତାବନୀ ଦେଉନାହାନ୍ତି ।

ଛୋଟ ଦୋକାନରୁ ଆରମ୍ଭ କରି ବଡ ଦୋକାନରେ ପଲିଥିନ ଖୁଲମଖୁଲା ବ୍ୟବହାର ହେଉଥିା ଦେଖିବାକୁ ମିଳୁଛି । କେବଳ କାଁ ଭାଁ କେତେକ ସ୍ଥାନରେ ଚଢଉ କରି ନିଗମ ଦାୟିତ୍ୱ ଶେଷ କରୁଛି । ପଲିଥିନ୍‌କୁ ସମ୍ପୂର୍ଣ୍ଣ କିଭଳି ବନ୍ଦ କରାଯିବ ସେ ନେଇ କୌଣସି ବ୍ୟବସ୍ଥା କରାଯାଉ ନାହିଁ । ସହରର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପଲିଥିନ ତିଆରି ହେଉଥିବା କାରଖାନା ଉପରେ ଚଢଉ କରାଯାଉନାହିଁ । ବଜାରକୁ ପଲିଥିନ ଆସିବାରୁ ତାହାକୁ ବ୍ୟବସାୟୀ ଓ ଗ୍ରାହକ ବ୍ୟବହାର କରୁଛନ୍ତି । ପଲିଥିନ ତିଆରି ୟୁନିଟ୍‌ଗୁଡିକୁ ବନ୍ଦ କରାଗଲେ ବ୍ୟବହାର ହ୍ରାସ ପାଆନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି । ପଲିଥିନର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏବଂ ପଲିଥିନଠାରୁ ଦୂରେଇ ରହିବା ପାଇଁ ନିଗମ ପକ୍ଷରୁ ଆମ୍ବାସାଡର (ଦୂତ) ନିଯୁକ୍ତି ଓ ପ୍ରଚାରପତ୍ର ବଣ୍ଟନ କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯାଇଛି । ୨୦୧୧ରେ ସିଏମ୍‌ସି ନିଗମ ଅଂଚଳରେ ପ୍ଲାଷ୍ଟିକ ଜରି ବର୍ଜନ କରିବା ନିୟମ ପ୍ରଣୟନ କରିଥିଲା ଅପରପକ୍ଷରେ ବ୍ୟାପକ ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବଢିବା ସହିତ ସହରରେ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି କରିବାରେ ପଲିଥିନ ପ୍ରମୁଖ ଭୂମିକା ଗ୍ରହଣ କରିଛି । କୁଢକୁଢ ପଲିଥିନ ମୁଖ୍ୟ ଡ୍ରେନରେ ଜମି ରହିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ । ବଡ ନର୍ଦ୍ଦମାରେ କୁଢ କୁଢ ଜରି ଏବେ ସୁଦ୍ଧା ଜମା ହୋଇ ରହିଛି । ପଲିଥିନ ନିଷିଦ୍ଧ ପାଇଁ ନିଗମ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ।

## ବଜାରରେ ବିଷାକ୍ତ ବାଟି ସୋଡା ବିକ୍ରି !

**କଟକ(ସଂପର୍କବାର୍ତ୍ତା):-** ଦିନକୁ ଦିନ ମୃଦୁ ପାନୀୟର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଏକାଧିକ କମ୍ପାନୀ ବିଭିନ୍ନ ସ୍ୱାଦରେ ମୃଦୁପାନୀୟ ପ୍ରସ୍ତୁତ କରୁଛନ୍ତି । ବଜାରରେ ମିଳୁଥିବା ଏକାଧିକ ମୃଦୁପାନୀୟ ମଧ୍ୟରୁ କେଉଁଟା ସ୍ୱାସ୍ଥ୍ୟପାଇଁ ହିତକର ତାହା କହିବା ମୁସ୍କିଲ । ବେନାମୀ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଗୋଲି ତଥା ବାଟି ସୋଡା ବଜାରେ ଛାଇଗଲାଣି । ପ୍ରସ୍ତୁତକାରୀ ପ୍ରତିଷ୍ଠାନ ବିଷୟରେ ଅନେକ ଅଜଣା । ଏପଟେ ପାଟିକୁ ଏହା ସ୍ୱାଦ ଲାଗୁଥିଲେ ମଧ ସ୍ୱାସ୍ଥ୍ୟ ପ୍ରତି ଏହା ଅତ୍ୟନ୍ତ କ୍ଷତିକାରକ ଅଟେ ବୋଲି ବିଶେଷଜ୍ଞମାନେ କହୁଛନ୍ତି।


ବ୍ୟସ୍ତବହୁଳ କଟକ ସହରରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟସାମଗ୍ରୀ ପରେ ଏବେ ପାନୀୟ ଗୋଲି ସୋଡା ଜୋର୍‌ରେ ବିକ୍ରି ହେଉଛି । ପ୍ରତିଷ୍ଠିତ ମୃଦୁପାନୀୟ କମ୍ପାନୀର ବୋତଲ ଭଳି ଏହା ଦେଖାଯାଉଥିବା ବେଳେ ସୋଡା ବୋତଲ ଉପରେ କମ୍ପାନୀ ଠିକଣା ଓ ଉପଯୋଗୀ ବିବରଣୀ ବି ଉଲ୍ଲେଖ ରହୁଛି । ତେବେ ଏହା ପ୍ରକୃତରେ ଅସଲି କି ନକଲି କାହାରିକୁ ଜଣାନାହିଁ । ଆଉ କିଛି ବେନାମୀ କମ୍ପାନୀ ନାମରେ ବିକ୍ରି ହେଉଥିବା ସୋଡା ବୋତଲରେ କେଉଁଠୁ ଉତ୍ପାଦନହେଉଛି, ତେବେ ଉତ୍ପାଦନ ହେଲା ଏବଂ କେତେଦିନ ସମୟ ପର୍ଯ୍ୟନ୍ତ ତାହା ବିକ୍ରି ହୋଇପାରିବ ସେ ନେଇ କୌଣସି ତଥ୍ୟ ଦିଆଯାଉନାହିଁ। ଅନେକ ସମୟରେ ସୋଡା ଭିତରୁ ମଲଶ ଅସରପା, ଜନ୍ଦା ଓ ପିମ୍ପୁଡି ବାହାରୁଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କି ଗୋଲି ସୋଡା ଭଳି ଅନେକ ବେନାମୀ କମ୍ପାନୀର ପାଣି ବୋତଲ ମଧ ବଜାରରେ ବିକ୍ରି ହେଉଛି । ବିନା ଯାଞ୍ଚରେ ବୋତଲରେ ପାଣି ପୁରାଇ ଷ୍ଟିକର ମାରି ବଜାରକୁ ଛାଡି ଦିଆଯାଉଛି । ଅଥଚ ଏହି ନକଲି ପାନୀୟର ମାନ ପରୀକ୍ଷା କରିବାକୁ ଖାଦ୍ୟ ସୁରକ୍ଷା ବିଭାଗ ଆଦୌ ତତ୍ପରତା ଦେଖାଉନାହିଁ । ନିୟମାନୁସାରେ ଖାଦ୍ୟ ସୁରକ୍ଷା ବିଭାଗର ପ୍ରମାଣପତ୍ର ବିନା କେହି ବା କମ୍ପାନୀ ତାର ଉତ୍ପାଦନ ବିକ୍ରି କରିପାରିବ ନାହିଁ ହେଲେ ଅସାଧୁ ବ୍ୟବସାୟୀମାନେ ଅପମିଶ୍ରିତ ମୃଦୁପାନୀୟ ଉତ୍ପାଦନ କରି ଖୋଲାଖୋଲି ବଜାରରେ ବିକ୍ରି କରୁଛନ୍ତି । କଟକ ସହର, ସଦର, ଜଗତପୁର, କନ୍ଦରପୁର ରାଜପଥ ପାର୍ଶ୍ୱବର୍ତ୍ତୀ ଅଂଚଳ ଓ ଗଳିକନ୍ଦିରେ ଏହିଭଳି ମାଳମାଳ କମ୍ପାନୀ ଚାଲୁଥିବା ଦେଖିବାକୁ ମିଳୁଛି । ପାଟିକୁ ସ୍ୱାଦ ଲାଗୁଥିବାରୁ ଲୋକମାନେ ଅଧିକ ମାତ୍ରାରେ ଗୋଲି ସୋଡା ପିଉଛନ୍ତି । କମ୍ପାନୀ ଅପେକ୍ଷା ବେନାମୀ କମ୍ପାନୀର ସୋଡାରେ ଅଧିକ ଲାଭ ମିଳୁଥିବାରୁ ଅଧିକ ମାତ୍ରାରେ ଦୋକାନୀମାନେ ମଗାଯାଉଛି । ପ୍ରତିଦିନ ଗାଡି ଆସିସୋଡା ଦେଇ ଯାଉଛି କିନ୍ତୁ ଏହି ସୋଡା କେଉଁଠୁ ପ୍ରସ୍ତୁତ ହେଉଛଇ ସେ ନେଇ ଆମକୁ କିଛି ଜଣାନାହିଁ ବୋଲି ଦୋକାନୀ କହୁଛନ୍ତି ।

# ବାହା ହେଲେ, ଚତୁର୍ଥୀ ଭାଉଜ ସହ କଲେ-ସ୍ତ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୁଣି ସାମ୍ନାକୁ ଆସିଲା ଲଭ୍-ସେକ୍ସ-ଧୋକା। ଆଜିକାଲି ପ୍ରେମ କରିବା ଆଉ ମନ ଭରିଗଲେ ଛାଡିଦେବା ଏକ ସାଧାରଣ କଥା ହୋଇଗଲାଣି। ଉଭୟ ପୁଅ ଓ ଝିଅ ଏ କ୍ଷେତ୍ରରେ କେହି କାହାଠାରୁ କମ୍ ନୁହଁନ୍ତି। ତେବେ ଏପରି ଏକ ଘଟଣା ପୁଣି ଥରେ ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱରରେ। ସ୍ୱାମୀଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି ଜଣେ ମହିଳା।

ମହିଳା ଜଣଙ୍କ କହିଛନ୍ତି, ମୋ ସ୍ୱାମୀଙ୍କର ତାଙ୍କ ଭାଉଜଙ୍କ ସହିତ ୫ ବର୍ଷର ପ୍ରେମ ସମ୍ପର୍କ ରହିଥିଲା। ଏ କଥା ସେ ଆମ ପରିବାରରକୁ ବିବାହ ପୂର୍ବରୁ ଜଣାଇ ନଥିଲେ। ଏହାପରେ ଗ୍ରାମବାସୀ ଏ ବିଷୟରେ ଜାଣିବା ପରେ ମୋ ସ୍ୱାମୀଙ୍କ ଭାଇ ତାଙ୍କ ସ୍ତ୍ରୀଙ୍କୁ ନେଇ କଟକ ପଳାଇ ଯାଇଥିଲେ। ଏହାକୁ ସହ୍ୟ କରି ନପାରି ମୋ ସ୍ୱାମୀ ସେ ସମୟରେ ବିଷପାନ କରିଦେଇଥିଲେ। ବାହାଘର ପରେ ମୋ ସ୍ୱାମୀ ତାଙ୍କର ପୂର୍ବ ପ୍ରେମ ସମ୍ପର୍କ ବିଷୟରେ ମୋତେ କହିଥିଲେ। ବାହା ହେଲେ ମନ ପରିବର୍ତ୍ତନ ହେବ ଆଉ ସେ ସୁଧୁରିଯିବେ ବୋଲି ପରିବାର ଲୋକେ ମୋ ସ୍ୱାମୀଙ୍କୁ କରିଥିଲେ। ତେଣୁ ବାଧବାଧକତାରେ ମୋ ସ୍ୱାମୀ ମୋତେ ବିବାହ କରିବାକୁ ରାଜି ହୋଇଥିଲେ ବୋଲି ମୋତେ କହିଥିଲେ। ଚତୁର୍ଥୀ ରାତିରେ ମୋ ସ୍ୱାମୀଙ୍କ ଭାଉଜ ଆସି ଆମ ଖଟ ଉପରେ ବସିଥିଲେ। ଏହାପରେ ମୋ ସ୍ୱାମୀ ମୋ ସାଥୀରେ ଯେଉଁ କାମ କରିବା କଥା,ହବ ତାଙ୍କ ଭାଉଜଙ୍କ ସହ ସେଇ କାମ କଲେ। ମୁଁ ଏହାକୁ ବିରୋଧ କରିବାରୁ ମୋ ସ୍ୱାମୀ କହିଥିଲେ ତୁ କ'ଣ ମୋର ପାଞ୍ଚ ବର୍ଷର ସମ୍ପର୍କ ଭାଙ୍ଗିଦେବୁ। ଏହାପରଠାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ବିବାଦ ଆରମ୍ଭ ହୋଇଥିଲା। ପରେ ମୋର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ବେଳେ ମୋ ସ୍ୱାମୀ ମୋର କୌଣସି ଦେଖାଶୁଣା କରୁନାହାଁନ୍ତି।

## ନବୀନ ଏଭରଗ୍ରୀନ୍



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୁଣି ନମ୍ବର ୱାନ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ନେସନ ପୋଲ୍ ସର୍ଭରେ ଏଭଳି ତଥ୍ୟ ପ୍ରକାଶ ପାଇବା ପରେ ଟ୍ୱିଟରରେ ଟ୍ରେଣ୍ଡ୍ କରୁଛି NaveenAlwaysNo1 । ସୋସିଆଲ୍ ମିଡିଆରେ ଏହି ଖବର ଟ୍ରେଣ୍ଡ କରିବା ସହ ନିୟ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଶୁଭେଚ୍ଛା ମଧ ଜଣାଉଛନ୍ତି। ରାଜ୍ୟର ୭୮% ଜନତା ମୁଖ୍ୟମନ୍ତ୍ରୀଙ୍କ କାମରେ ସନ୍ତୁଷ୍ଟି ପ୍ରକାଶ କରିଛନ୍ତି। ୬୩ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ଓ ଷ୍ଟାଲିନଙ୍କ ଉପରେ ତାମିଲନାଡୁର ୬୧ ପ୍ରତିଶତ ଜନତା ସନ୍ତୁଷ୍ଟ ଅଛନ୍ତି, ସେ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ଦେଶରେ ମୁଖ୍ୟମନ୍ତ୍ରୀ ହିସାବରେ ଲୋକପ୍ରିୟ ତାଲିକାରେ ଶୀର୍ଷରେ ଅଛନ୍ତି ୟୁପିର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

# ଏସ୍‌ପି ପିଲାଙ୍କ କେୟାରକେଟର ନିଜକୁ ଭାବୁଛନ୍ତି ଯେପରି କଲେକ୍ଟର:ଜଗତସିଂହପୁର ଟ୍ରାଫିକ୍ ପୋଲିସ୍

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଲଘୁଚାପ ବର୍ଷା ତୁହାକୁ ତୁହା, ରାସ୍ତାରେ ଯାନବାହାନ ଯାତାୟାତ ଖୁବ୍ କମ୍ କହିଲେ ଚଳେ। ଯାହାହେଉ ଛକ ଛକରେ ଥିବା ଟ୍ରାଫିକ୍ ପୋଲିସ୍ ବର୍ଷା ଯୋଗୁଁ ଛକବଜାରରେ ଥିବା ଦୋକାନ ଓ ଚାଳିଆରେ ମୁଣ୍ଡ ଗୁଞ୍ଜିଛନ୍ତି। ଏହି ମୁଣ୍ଡ ଗୁଞ୍ଜିବା ସମୟରେ ଦୁଇ/ଚାରି ଜଣ ଟ୍ରାଫିକ୍ ପୋଲିସ୍ ଗୁଲିଖଟି କରି ଗପକରୁଛନ୍ତି। ସେହି ସମୟରେ ଏସ୍‌ପି ପିଲାଙ୍କ ଦୁଇଜଣ କେୟାରଟେକର ସେଇ ରାସ୍ତା ଦେଇ ଯିବା ବେଳେ ଗୁଲିଖଟି କରୁଥିବା ଉକ୍ତ ଟ୍ରାଫିକ୍ ପୋଲିସ୍ ଭୟଭିତ ହୋଇ ପଡୁଥିବା ଆଲୋଚନା ହେଉଛି । ତାଙ୍କ ଢଙ୍ଗରୁ ବାରି ହୋଇପଡୁଥିବା ଦେଖାଣହାରି କୁହାକୁହି ହେଉଛନ୍ତି । ସେମାନେ(ଟ୍ରାଫିକ୍ ପୋଲିସ୍) କୁଆଡେ କେୟାରଟେକର ପୋଲିସ୍ ଦ୍ୱୟଙ୍କୁ ଦେଖି "ସତେ ଯେମିତି ଏମାନେ ନିଜକୁ କଲେକ୍ଟର ଭାବୁଛନ୍ତି" ଏପରି ଆଲୋଚନା କରୁଥିବାକୁ ସେଠାରେ ଉପସ୍ଥିତ ଥିବା ଓ ଦେଖାଣହାରି ଆଶ୍ଚର୍ଯ୍ୟପ୍ରକଟ କରି ବାହାରେ ଏପରି ପ୍ରକାଶ କରୁଥିବାର ଶୁଣିବାକୁ ମିଳୁଛି। କୁଆଡେ ଛକଜାଗାରେ ଟ୍ରାଫିକ୍ ପୋଲିସ୍ ନଥିବା ବା ଅନୁପସ୍ଥିତ ଦେଖି ଏ କେୟାରଟେକର ଦୁଇଜଣ ଏସ୍‌ପିଙ୍କୁ ଜଣାଉଥିବାରୁ ଟ୍ରାଫିକ୍‌ର ନିର୍ଦ୍ଦିଷ୍ଟ ୨/୩ଜଣ ପୋଲିସ୍ ଏପରି କ୍ରୋଧାନ୍ୱିତ ହୋଇ ଅଭିଯୋଗ କରୁଥିବା ଶୁଣିବାକୁ ମିଳୁଛି।

# ସାଇବର ଠକ ଶ୍ରୀମୟୀଙ୍କୁ ମାଗୁଛନ୍ତି ଟଙ୍କା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜେଡିର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଫଟୋ ଲଗାଇ ଟଙ୍କା ମାଗୁଛନ୍ତି ଠକ। ସକାଳ ସମୟରୁ ପାଖାପାଖି ୩୦ରୁ ଅଧିକ ଲୋକଙ୍କୁ ଟଙ୍କା ମାଗିଥିବା ଶ୍ରୀମୟୀଙ୍କୁ ଖବର ଆସିଥିଲା। ତେବେ କେହିଜଣେ ଠକ ଏଭଳି କରିଥାଇପାରେ ବୋଲି ଜଣାପଡିଥିଲା। ଏ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଶ୍ରମୟୀ ମିଶ୍ର।



# ବ୍ରହ୍ମପୁରରେ ୩ଜଣଙ୍କୁ ବାନ୍ଧିଲା ବୈଦ୍ୟନାଥ ପୋଲିସ୍

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ବ୍ରହ୍ମପୁର ଆପୋଲୋ କ୍ଲିନିକ୍ କୋଠାକୁ ଜାଲ୍ ଲିଜ୍ ଏଗ୍ରିମେଣ୍ଟ କରି ଡାକ୍ତର ରମେଶ ଚନ୍ଦ୍ର ବାରତା ନାମକ ଜଣେ ବ୍ୟକ୍ତିଙ୍କୁ ଠକିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଛି ବୈଦ୍ୟନାଥପୁର ଥାନା ପୋଲିସ୍। ଗିରଫ ତିନି

**ଆପୋଲୋ କ୍ଲିନିକ୍ କୋଠାକୁ ଜାଲ୍ ଲିଜ୍ ଏଗ୍ରିମେଣ୍ଟ କରି ଠକିବା ପଡିଲା ମହଙ୍ଗା**

ଅଭିଯୁକ୍ତ ହେଲେ ଓମ୍ ଆରୋଗ୍ୟ ହସ୍‌ପିଟାଲ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶିକା ନିଶି ପ୍ରିୟଦର୍ଶନୀ, ସ୍ପେସିମେନ୍ ହୋଲ୍ଡିଂସ୍ ଲିମିଟେଡର ପରିଚାଳକ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାନ୍ତି ଓ ବେଲଗୁଣ୍ଠା କଂସାରୀ ସାହିର ବଦ୍ରିନାରାୟଣ ପାତ୍ର।



ଗତ ଜୁନ୍ ୧୨ ତାରିଖରେ ଡାକ୍ତର ରମେଶ ଚନ୍ଦ୍ର ବାରତା ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ ଯେ ସେ ଆପୋଲୋ କ୍ଲିନିକ୍ ସ୍ପେସିମେନ ହୋଲ୍ଡିଂ ଲିମିଟେଡ ନାମକ ଏକ କମ୍ପାନୀରୁ କିଣିବା ପରେ ତାଙ୍କୁ ସେଠାରେ ଅନୁମତି ଦିଆଯାଉନାହିଁ। ତାଙ୍କୁ ଠକି ଦେଇଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ।

ଏ ନେଇ ପୋଲିସ୍ ତଦନ୍ତ କରିବା ପରେ ଏଗ୍ରିମେଣ୍ଟ କରି ଏହି କୋଠାକୁ ବିକ୍ରୀ କରିଥିଲେ। ଏହି କୋଠାକୁ କିଣିବା ଲାଗି ଡାକ୍ତର ଜଣକ ୫ କୋଟି ଟଙ୍କା ଋଣ ମଦ୍ଦ୍ୟ କରିଥିଲେ। ପରେ ଡାକ୍ତର ବାରତାକୁ କମ୍ପାନୀର ଲୋକେ ଜବରଦସ୍ତି କରି ବିକ୍ରି କରିବେ ବୋଲି କହିଥିଲେ। ପରେ ନିଶି ପ୍ରିୟଦର୍ଶୀ ସହ ଏକ ଜଏଣ୍ଟ କମ୍ପାନୀ କରି କିଣିଥିଲେ। କିଣିବାର ଗୋଟିଏ ଦିନ ପରେ ପୁଣି ଏକ କମ୍ ଦରରେ ଲିଜ ଏଗ୍ରିମେଣ୍ଟ କରିଥିଲେ। ପରେ ଏହାକୁ ଜୋର ଜବରଦସ୍ତି ନିଜ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ କରୁଥିବା ପୋଲିସ୍ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଗିରଫ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଘଟଣା ଆଉ କେଉଁମାନଙ୍କ ସଂପୃକ୍ତି ରହିଛି ସେ ନେଇ ପୋଲିସ୍ ଅଧିକ ତଦନ୍ତ କରୁଛି।

# ରାଷ୍ଟ୍ରପତି ଦ୍ରୌପଦୀ ଆମର ଗର୍ବ:ଅତନୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆଜାଦି କା ଅମୃତ ମହୋତ୍ସବ ଓ ପ୍ରଗତିବାଦୀର ୫୦ତମ ଜୟନ୍ତୀ ଅବସରରେ ଆଜି ପ୍ରଗତିବାଦୀ କାର୍ଯ୍ୟାଳୟରେ ଏକ ସତନ୍ତ୍ର ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ସ୍ୱାଧୀନତାରେ ମହିଳାଙ୍କ ଭୂମିକା ପ୍ରସଙ୍ଗରେ ଆଲୋଚନା ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗଣା ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚ୍ୟ ନାୟକ କହିଲେ ଓଡିଆ ମହିଳା ଦ୍ରୌପଦୀ ମୁର୍ମୁ



ରାଷ୍ଟ୍ରମୁଖ୍ୟ ପଦରେ ଅଧିଷ୍ଠିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ମୁଖ୍ୟବକ୍ତା ସ୍ୱାଧୀନତା ସଂଗ୍ରାମୀ କୃଷ୍ଣା ମହାନ୍ତି କହିଲେ, ପ୍ରଗତିବାଦୀ ଜରିଆରେ ରାଷ୍ଟ୍ରପତିଙ୍କ ମୋର ଅନୁରୋଧ ଯେ ସେ ଦେଶକ ନିଶାମୁକ୍ତ କରି ମହିଳାମାନଙ୍କ ସୁରକ୍ଷା ପ୍ରଦାନ କରନ୍ତୁ।

# କଟକ ନର୍ଦ୍ଦମା ସଫା ବାବଦ ଟଙ୍କାକୁ ବି ଯନ୍ତ୍ରୀ ଓ ଠିକାଦାର ଖାଇଦେଉଛନ୍ତି !

**କଟକ(ସଂପର୍କବାର୍ତ୍ତା):-** ମହାନଗର ନିଗମ ଅନ୍ତର୍ଗତ ୫୫ ନଂ. ୱାର୍ଡ କହ୍ନେଇପୁର ହନୁମାନ ମନ୍ଦିର ଛକରୁ ଭୋଇ ସାହି ମହାନଦୀ ବନ୍ଧ ପର୍ଯ୍ୟନ୍ତ ଯାଇଥିବା ଡ୍ରେନ କାମ ଅତି ନିମ୍ନମାନର ହୋଇଛି । ଏହି ଡ୍ରେନ୍‌କୁ ସଫେଇ ନକରି ଠିକାଦାର ବିଲ୍ ନେଇ ଯାଇଛନ୍ତି । ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନପାରି ଜମି ରହୁଛି ବୋଲି ସାହିର ଲକ୍ଷ୍ମଣ ପଣ୍ଡା, ଭୋଇସାହି ଅଧିକାରୀ ସୁବାଷ ଭୋଇ, ସର୍ବେଶ୍ୱର ଭୋଇ, ଶୁଭେନ୍ଦୁ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ଡ୍ରେନ ହେବା ଦିନଠାରୁ ବର୍ଷାଦିନେ ଲୋକେ ଦଣ୍ଡ ଭୋଗଚ୍ଛନ୍ତି । ଏହି ଡ୍ରେନ ପାଣି ଏନ୍‌ଆର୍‌ଆର୍‌ଆଇ ହୋଇ ଏମ୍‌ଏସ୍‌ଡବ୍ଲୁ-୨ରେ ମିଶିଛି । କିନ୍ତୁ ଡ୍ରେନ୍

**୫୫ ନଂ ୱାର୍ଡରେ ଡ୍ରେନ୍ କାମ ନିମ୍ନମାନର !**

ନିର୍ମାଣ ନିମ୍ନମାନର ହୋଇଥିବାରୁ ପାଣି ନିଷ୍କାସନ ହୋଇ ନପାରି ଓଲଟା ନର୍ଦ୍ଦମା ପାଣି ରାସ୍ତାରେ ଢେଉ ଖେଳୁଛି ।ଲୋକଙ୍କ ଘରେ ପାଣି ପଶୁଛି । ଅଂଚଳବାସୀ ବାରମ୍ବାର ଅଭିଯୋଗ କଲେ ବି ସିଏମ୍‌ସି କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି । ସିଏମ୍‌ସି କନିଷ୍ଠ ଯନ୍ତ୍ରୀ ତଦନ୍ତ କରି ଠିକାଦାରଙ୍କୁ ବିଲ୍ ପୈଠ କରିଛନ୍ତି । ଡ୍ରେନ ଉପରେ ପଡିଥିବା ସ୍ଲାବ ଅତି ମିମ୍ନମାନର । ଚଢିଗଲେ ଭାଙ୍ଗି ଯାଉଛି । ଅଧିକାଂଶ ଡ୍ରେନ ଉପରେ ସ୍ଲାବ ନାହିଁ । ଫଳରେ ଦୈନିକ ଗୋରୁଗାଈ, ଦୁଇ ଚକିଆ ଗାଡି ଆରୋହି ଡ୍ରେନ୍‌ରେ ପଡି ଖଣ୍ଡିଆଖାବରା ହେଉଛନ୍ତି । ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ମିଶ୍ରଙ୍କୁ ଯୋଗାଯୋଗ କରିଥିଲେ ମଧ ତାହା ସମ୍ଭବ ହୋଇନଥିଲା । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସମ୍ପାଦକୀୟ

## ଟାଇଓ୍ୱାନ ବିବାଦ କ'ଣ ?

ଟାଇଓ୍ୱାନକୁ ନେଇ ଏବେ ବେଜିଂ ଓ ଓ୍ୱାଶିଂଟନ୍ ଭିତରେ ଉତ୍ତେଜନା । ଚୀନ କହୁଛି ଟାଇଓ୍ୱାନ୍ ଚୀନର ଏକ 'ପ୍ରୋଭିନ୍ସ' ବା ରାଜ୍ୟ । ହେଲେ ଟାଇଓ୍ୱାନର ଦାବି ଏହା ଏକ ସ୍ୱତନ୍ତ୍ର ଦେଶ । ଅଧିକାଂଶ ଟାଇଓ୍ୱାନବାସୀ ନିଜକୁ ଏକ ସ୍ୱାଧୀନ ଦେଶର ନାଗରିକ ବୋଲି ଭାବନ୍ତି । କିନ୍ତୁ ନୀତିଗତ ଭାବେ ଟାଇଓ୍ୱାନର ସ୍ୱାଧୀନତା କେବେ ବି ଘୋଷଣା ହୋଇନାହିଁ ।

ଟାଇଓ୍ୱାନର ମୂଳ ଅଧିବାସୀ ହେଉଛନ୍ତି ଅଷ୍ଟ୍ରୋନେସିଆନ୍ ଆଦିବାସୀ । ଏମାନେ ଚୀନର ଦକ୍ଷିଣ ଭାଗରୁ ଆସି ଟାଇଓ୍ୱାନରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ । ୨୩୯ ଖ୍ରୀଷ୍ଟାବ୍ଦରୁ ଚୀନ ଶାସକମାନେ ଟାଇଓ୍ୱାନ୍ ଉପରେ ଅଧିକାର ସାବ୍ୟସ୍ତ କରିଆସିଛନ୍ତି । ହେଲେ ୧୬୨୪ରୁ ୧୬୬୧ ଯାଏଁ ଟାଇଓ୍ୱାନ 'ଡଚ୍'ମାନଙ୍କ ଏକ ଉପନିବେଶ ଥିଲା । ପୁଣି ଥରେ ଏ ଦ୍ୱୀପାଞ୍ଚଳଟି ୧୬୮୩ରୁ ୧୮୯୫ ପର୍ଯ୍ୟନ୍ତ ଚୀନର କ୍ୱିଙ୍ଗ ବଂଶର ଶାସକମାନଙ୍କ ଅଧିନକୁ ଆସିଯାଇଥିଲା ।

୧୮୯୫ରେ ହୋଇଥିଲା ପ୍ରଥମ ସିନୋ-ଜାପାନ ଯୁଦ୍ଧ । ଏଥିରେ ଜାପାନ ଜିତିଥିଲା, ଚୀନ୍ ହାରିଯାଇଥିଲା । ଆଉ ବିଜୟୀ ଜାପାନ ଚୀନର କ୍ୱିଙ୍ଗ ଶାସକଠାରୁ ଟାଇଓ୍ୱାନ୍‌କୁ ଛଡାଇଆଣି ନିଜ ଅଧିନରେ ରଖିଲା । ହେଲେ ବାଜି ପୁଣି ପଲଟିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମିତ୍ରଶକ୍ତିର ବିଜୟ ହେଲା, ଆତ୍ମସମର୍ପଣ କଲା ଜାପାନ୍ । ଯେହେତୁ ଚୀନ୍ ବିଜୟ ପକ୍ଷରେ ଥିଲା, ତେଣୁ ଆମେରିକା, ବ୍ରିଟେନ୍ ଆଦି ଦେଶର ସମର୍ଥନ ଟାଇଓ୍ୱାନ୍‌କୁ ଜାପାନ ଶାସନରୁ ମୁକ୍ତ କରି ନିଜ ଅଧିନକୁ ପୁଣି ନେଇଆସିଥିଲା । ହେଲେ ମାତ୍ର ଦୁଇ ଚାରି ବର୍ଷ ଭିତରେ ଚୀନରେ ଆରମ୍ଭ ହୋଇଗଲା ଭୟଙ୍କର ଗୃହଯୁଦ୍ଧ ।



ସମ୍ପାଦକ

ଶାସକ ଚିଆଙ୍ଗ କାଇସେକଙ୍କ ସେନା ବିଦ୍ରୋହ ବାମପନ୍ଥୀ ନେତା ମାଓ ଜିଡଙ୍ଗଙ୍କ ସୈନ୍ୟଙ୍କ ଦ୍ୱାରା ପରାଜିତ ହେଲେ । ଆଉ କାଇସେକ୍ ୧୯୪୯ରେ ନିଜର ପ୍ରାୟ ୧୫ଲକ୍ଷ ଅନୁଗାମୀଙ୍କ ସହ ଚାଲିଆସିଲେ ଟାଇଓ୍ୱାନ । ଏମାନେ ଟାଇଓ୍ୱାନର ମୂଳ ଜନସଂଖ୍ୟାର ମାତ୍ର ୧୪ ପ୍ରତିଶତ ଥିଲେ ବି ଏଠାରେ ଶାସନ କରିବାକୁ ସମର୍ଥ ହେଲ । ପରବର୍ତ୍ତୀ ୨୫ ବର୍ଷ ଯାଏଁ ଟାଇଓ୍ୱାନ୍‌ରେ ଶାସନ କଲେ କାଇସେକ୍ । ତାଙ୍କ ପରେ ଚିଙ୍ଗଙ୍କ ଶାସନରେ ଲୋକେ ଅସନ୍ତୁଷ୍ଟ ହେବା ସହ ଏଠାରେ ଆରମ୍ଭ ହେଲା ଗଣତାନ୍ତ୍ରିକ ଆନ୍ଦୋଳନ । ଏଠାରେ ଏବେ ଏକ ନିର୍ବାଚିତ ସରକାର, ନିଜସ୍ୱ ସମ୍ବିଧାନ, ୩ଲକ୍ଷ ସଶସ୍ତ୍ର ସେନା ଅଛନ୍ତି ।

୧୩ଟି ଦେଶ ଟାଇଓ୍ୱାନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେଇଛନ୍ତି । ହେଲେ ଚୀନ୍ ଦାବି କରୁଛି ଟାଇଓ୍ୱାନ୍ ତା ନିଜର ଏକ ରାଜ୍ୟ, ଏହାର ସାର୍ବଭୌମତ୍ୱ ଓ ସ୍ୱତନ୍ତ୍ରତା ନାହିଁ । ୧୯୯୭ରେ ହଂକଂ, ଚୀନ୍‌ରେ ମିଶିବା ପରେ ଟାଇଓ୍ୱାନ୍‌ର ସ୍ୱତନ୍ତ୍ରତା ବିଲୟ ପାଇଁ ବେଜିଂ ମଧ୍ୟ ଚେଷ୍ଟା କରିଆସୁଛି । ଏ ସବୁ ସତ୍ତ୍ୱେ ଟାଇଓ୍ୱାନ୍ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପାଇବା ନେଇ ଅସ୍ପଷ୍ଟ ଚିତ୍ର ବଳବତ୍ତର ରହିଛି ।

## ଟାଇଓ୍ୱାନ୍ ପାଇଁ ପୃଥିବୀ ଦୁଇଭାଗ

ଟାଇଓ୍ୱାନ୍‌କୁ ନେଇ ଆମେରିକା ଏବଂ ଚାଇନା ମଧ୍ୟରେ ଚାଲିଥିବା ବିବାଦରେ ପୃଥିବୀର ଅନ୍ୟ ଦେଶ ଯୋଗ ଦେଇଛନ୍ତି । ଫଳରେ ଟାଇଓ୍ୱାନ୍ ପାଇଁ ପୃଥିବୀ ଦୁଇଭାଗ ହୋଇଛି । ଗୋଟିଏ ପଟେ ରୁଷିଆ ଏକ ବିବୃତ୍ତି ଜାରି କରି ଆମେରିକା ବିବାଦ ବୃଦ୍ଧି କରୁଥିବା କହିଛି । ନାନ୍ସି ପେଲୋସିଙ୍କୁ ଟାଇଓ୍ୱାନ୍ ପଠାଇ ସ୍ଥିତିକୁ ଅଧିକ ସଙ୍କଟ କରୁଥିବା ରୁଷିଆ ଅଭିଯୋଗ କରିଛି ।



ଅପରପକ୍ଷରେ, କାନାଡା ମଧ୍ୟ ଏହି ପ୍ରସଙ୍ଗରେ ସାମିଲ ହୋଇଛି ଏବଂ ଏହି ଉତ୍ତେଜନା ପାଇଁ ଚାଇନାକୁ ଦାୟୀ କରିଛି । ବହୁ ପରିମାଣର ସେନା ନିୟୋଜନ କରିବା ଚାଇନା ପାଇଁ ଅନାବଶ୍ୟକ । ସେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଚାଇନାର କାର୍ଯ୍ୟକୁ କୌଣସି ପ୍ରକାରେ ଠିକ କୁହାଯାଇପାରିବ ନାହିଁ ।

ଜର୍ମାନ ବୈଦେଶିକ ମନ୍ତ୍ରୀ ଆନ୍ନାଲେନା ବେୟରବକଙ୍କ ସହ ସାକ୍ଷାତ ସମୟରେ ସେ ସମାନ କଥା କହିଛନ୍ତି । ଉତ୍ତେଜନାକୁ ଦୂର କରିବା ପାଇଁ ଜୋଲି ଏବଂ ଜର୍ମାନ ବୈଦେଶିକ ମନ୍ତ୍ରୀ ଚାଇନାକୁ ନିବେଦନ କରିଛନ୍ତି । ଜି-୭ ଦେଶର ବୈଦେଶିକ ମନ୍ତ୍ରୀମାନେ ମଧ୍ୟ ଏହି ପ୍ରସଙ୍ଗରେ ଏକ ବିବୃତ୍ତି ଜାରି କରିଛନ୍ତି ।

ଜି-୭ ଦେଶ କହିଛନ୍ତି, ଟାଇଓ୍ୱାନ୍ ଗଲ୍ଫରେ ଆକ୍ରମଣକୁ ସାମରିକ କାର୍ଯ୍ୟକଳାପ ଯେପରି ଚାଲିଛି ତାହାକୁ ଠିକ୍ କୁହାଯାଇପାରିବ ନାହିଁ । ଚାଇନାର ମନୋଭାବ ଉତ୍ତେଜନା ସୃଷ୍ଟି କରିଛି ଏବଂ ଏହି ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି । ଜି-୭ ଦେଶ ଦ୍ୱାରା ଜାରି ବିବୃତ୍ତିରେ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନଙ୍କ ସମେତ କାନାଡା, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଜାପାନ ଏବଂ ବ୍ରିଟେନ୍‌ର ବୈଦେଶିକ ମନ୍ତ୍ରୀମାନେ ସ୍ୱାକ୍ଷର କରିଛନ୍ତି । ଏଥିରେ ୟୁରୋପୀୟ ୟୁନିଅନର ପ୍ରତିନିଧି ମଧ୍ୟ ଦସ୍ତଖତ କରିଛନ୍ତି । ଏହିପରି ଭାବରେ, ଟାଇଓ୍ୱାନ ପ୍ରସଙ୍ଗରେ ଆମେରିକା ଜି-୭ ଦେଶର ସମର୍ଥନ ପାଇଛି । ଅପରପକ୍ଷରେ ପାକିସ୍ତାନ ଏବଂ ରୁଷିଆ ଚାଇନାକୁ ସମର୍ଥନ କରିଛନ୍ତି ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଅଗଷ୍ଟ ପନ୍ଦର : କିଛି ସ୍ୱପ୍ନ, କିଛି ବାସ୍ତବତା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅଗଷ୍ଟ ପନ୍ଦର ହେଉଛି ଏକ ସ୍ମରଣୀୟ ଦିବସ ହେଉଛି । ଅଗଣିତ ଦେଶପ୍ରାଣ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଏହି ଦିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲାଲକିଲ୍ଲା ଉପରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଦେଇଥିବା ବେତାରବାଣୀ ଶୁଣି ଦେଶବାସୀ ଆନନ୍ଦରେ ଆତ୍ମହରା ହୋଇଥିଲେ ଓ ଗାଇଥିଲେ - "ଆମେ ଚଳାଇବା ଦେଶ ଆମରି, ଆମରି ନାଆରେ ଆମେ ନାଉରୀ" । ଆଉ ଦୁଃଖ, ଶୋକ, କଷଣ, ଶୋଷଣ ଓ ନିର୍ଯ୍ୟାତନା ରହିବ ନାହିଁ । ଆଜି ଆମେ ପାଳନ କରୁଛେ ସ୍ୱାଧୀନତାର ୭୫ ତମ ପୂର୍ତ୍ତି । ଏହି ଅବକାଶରେ ଅତୀତର ଅନେକ ଲୁହ ଲହୁଭରା ସ୍ମୃତି ମନେପଡୁଛି । ଏଥି ସହିତ ବିଗତ ଦିନରେ ସ୍ୱାଧୀନ ଭାରତର ସମୃଦ୍ଧି ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ଓ ତାର ସଫଳତା କେତେ ତାହା ସମୀକ୍ଷା କରିବାର ସମୟ ଉପଗତ ।

ଦେଶରୁ ବିଦେଶୀ ଶାସନ ହଟିଲା ପରେ ଆମେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ପାଇଲୁ ଭାରତର ସମ୍ବିଧାନ । ଏହା ଭାରତକୁ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କଲା । ୭୫ ବର୍ଷର ଦୀର୍ଘ ପଥ ଅତିକ୍ରମ କରି ଏକ ସାଧନ ରାଷ୍ଟ୍ର ଭାବେ ଭାରତ ବିଶ୍ୱ ଦରବାରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛି । ସବୁଜ ବିପ୍ଳବ ପରେ ଏଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ. ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକିନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି । ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟଓ୍ୱାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି । ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୪ କୋଟି ଟପିସାରିଲାଣି । ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି ।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ । ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ । ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ । ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୁଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲାଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି । ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟାବିସ୍ତାର କରି ଚାଲିଛି । ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି । ପରିତାପର ବିଷୟ ହେଉଛି ଏହି ଦୁର୍ନୀତିରେ ୪୫ ଜଣଙ୍କ ସନ୍ଦେହଜନକ ମୃତ୍ୟୁ ଘଟି ଘଟିଥିଲା ।

ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ । ଦେଶର ସଂସଦ ଓ ବିଧାନ ସଭା ଦେଶବାସୀଙ୍କ ପାଇଁ ମନ୍ଦିର ସଦୃଶ । ଏଠାରେ ଆଇନ ତିଆରି ହୁଏ ଦେଶ ଓ ରାଜ୍ୟ ପାଇଁ ତିଆରି ହୁଏ ଶାସନ ଖସଡା । ଶସ୍ତା ରାଜନୀତି ଦେଶ ପାଇଁ କାଳ । ଜର୍ଜ ବର୍ଣ୍ଣାଡସଙ୍କ ମତରେ ବୁଦ୍ଧିଜୀବୀମାନେ ରାଜନୀତିକୁ "ସଇତାନର ଆଶ୍ରୟ ସ୍ଥଳୀ" ବୋଲି ଭାବୁଛନ୍ତି । ତେଣୁ ସମାନେ ନିର୍ବାଚନ ପ୍ରକ୍ରିୟାରୁ ନିରାପଦ ଦୁରତାରେ ରହିବାକୁ ପସନ୍ଦ କରୁଛନ୍ତି । ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତି ସାଂସଦ ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି । ବିଗତ ନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକ ମାନଙ୍କ ମଧ୍ୟରୁ ୩୫ପ୍ରତିଶତ ଜଣଙ୍କ ନାମରେ ଅପରାଧ ମାମଲା ଥିବାବେଳେ ସେଥି ମଧ୍ୟରୁ ୭୬ ଜଣ କୋଟିପତି ତାଲିକାରେ ଅଛନ୍ତି । ସେହିପରି ୩୪ ପ୍ରତିଶତ ସାଂସଦଙ୍କ ବିରୁଦ୍ଧରେ ଅପରାଧ ମାମଲା ଥିବା ବେଳେ ୮୨ ପ୍ରତିଶତ ସାଂସଦ କୋଟିପତି ତାଲିକାରେ ଅଛନ୍ତି । ନିକଟରେ ଶେଷହୋଇଥିବା ନିର୍ବାଚନରେ ଅପରାଧ ମାମଲାରେ ଜଡିତଥିବା ବିଧାୟକ ଓ ସାଂସଦଙ୍କ ସଂଖ୍ୟା ଆହୁରି ବଢିଛି । ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀ ମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି । ଜାତି ଧର୍ମନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି ।ଏହାହିଁ କ୍ଷୋଭର ବିଷୟ । ଅଗଷ୍ଟ କ୍ରାନ୍ତି ପୂର୍ବରୁ ଦୀର୍ଘ ୭୦ ବର୍ଷ ପରେ ଧାରା ୩୭୦ ଓ ୩୫-ଏ ଉଚ୍ଛେଦ ସହ ଜାମ୍ମୁ କାଶ୍ମୀର ପୂନର୍ଗଠନ ହୋଇ ଦୁଇଟି କେନ୍ଦ୍ର ଶାସିତ ରାଜ୍ୟ ଭାବେ ଜାମ୍ମୁ କାଶ୍ମୀର ଓ ଲାଦାଖ୍ ମାନ୍ୟତା ପାଇଛନ୍ତି । ସାରା ଦେଶରେ ଏବେ ଆନନ୍ଦର ଲହରୀ ଖେଳିଯାଇଛି । ସାରା ବିଶ୍ୱ ମଧ୍ୟ କାଶ୍ମୀର ଉପତ୍ୟକାରେ ଶାନ୍ତି ଓ ପରିବର୍ତ୍ତନକୁ ଅନୁଭବ କରୁଛନ୍ତି । ଏଥିପାଇଁ କେନ୍ଦ୍ର ସରକାରଙ୍କ ସମେତ ଜାମ୍ମୁ କାଶ୍ମୀର ବାସୀ ଧନ୍ୟବାଦ ଓ ପ୍ରଶଂସାର ପାତ୍ର ।

ଆଜି ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ପଟେ ସୁପରପାଓ୍ୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି । ଏସବୁ ସମସ୍ୟାକୁ ଗମ୍ଭୀରତାର ସହ ବିଚାର କରି ସମାଧାନ କରିବାକୁ ହେବ । ଏଥିପାଇଁ ଶାସକ ଓ ପ୍ରଶାସକ ଯେତିକି ମାତ୍ରାରେ ଦାୟୀ ଲୋକଙ୍କ ନିକଟରେ ଦେଖା ଦେଇଥିବା ସଚେତନତାର ଅଭାବ ମଧ୍ୟ ସେତିକି ଦାୟୀ । ଏବେବି ସମୟ ଅଛି । ଆମେ ଆମ ମନୋଭାବରେ ପରିବର୍ତ୍ତନ କରି ଦେଶ ପାଇଁ ସମର୍ପିତ ହୋଇ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ଦେଶକୁ ପ୍ରଗତି ପଥରେ ଆଗେଇ ନେଇପାରିବା ।

# ଇତିହାସରେ ଆମ ଶାସନ ଓ ସ୍ୱାଧିନତା



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ଼, କୁଜଙ୍ଗ
ଜଗତସିଂହପୁର, ଓଡ଼ିଶା
ମୋ-୯୯୩୭୬୯୧୪୭୫

ଆମ ଦେଶ ଭାରତ , ତାର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତର ରେ ହିମାଳୟ . ଦକ୍ଷିଣ ରେ ଭାରତ ମହାସାଗର , ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର , ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତ ର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ ,ସଭ୍ୟତା ଓ ସଂକୃତି ରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତର କୁ ପଶି ଆସିଲେ । ଉଭୟ ଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ , ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା ।

ଭାରତ କୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ । ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତ କୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟ ଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍ , ପଲ୍ଲବ ,ଇଉଚି ,ହୁଣ , କୃଶାଣ , ଗୁର୍ଜ୍ଜର ଓ ତାତାର ମାନଙ୍କ ଦ୍ୱାରା , ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତ କୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲ ରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତ କୁ ଭଲପାଇ ଭାରତରେ ରହିଗଲେ ।

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତ୍ତୁଗୀଜ , ଓଲନ୍ଦାଜ . ଦିନାମାର , ଫରାସି ଓ ଇଂରେଜ ମାନେ , ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତ୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ , ନାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ ,ମାହେ ଓ ଚନ୍ଦନ ନଗର , ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ ,ବମ୍ବେ ଓ କଲିକଟ୍ ।

ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ । ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରୀ କଲେ । ସେହି ଗାଆଁ ତିନୋଟି କୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ ।

ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା । ସେନାପତି ମିରର୍ଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ , ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍‌କାଶିମ୍ କୁ ବଙ୍ଗଳା ର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜ ମାନେ ମିରକାଶିମ୍ ଙ୍କୁ ଆକ୍ରମଣ କଲେ । ମିର୍‌କାଶିମ୍ ପଳେଇ ଯାଇଁ ଅଯୋଧ୍ୟା ର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମ ଙ୍କ ସାହାର୍ଯ୍ୟ ଲୋଡ଼ିଲେ ।ତିନି ଶକ୍ତି ମାନଙ୍କ ବକ୍‌ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପ୍ରରାସ୍ତ ହେଲେ ଓ ମିରର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶ୍ୱର ର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶ୍ୱର ଇଂରେଜ ମାନଙ୍କ ହାତକୁ ଗଲା ।

ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ । ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ । ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ । ପାଇକ ମାନଙ୍କ ର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନ କୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହ କୁ ଦମନ କରି ଦେଲେ ।

ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ ।ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ , ରାଜା କନ୍‌ଓ୍ୱାର ସିଂହ , ସମ୍ବଲପୁର ର ବୀର ସୁରେନ୍ଦ୍ର ସାଏ , ରାଣୀ ଲକ୍ଷ୍ମିବାଇ , ମରହଟ୍ଟା ବୀର ରାଓ ସାହେବ , ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ ।

ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାନ୍ତରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ , ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସର କୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।

ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ ।

ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧ ରେ ଟଳି ପଡ଼ିଲେ । ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପି ଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତନ୍ତିଆ ଟୋପି ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା । ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ । ସେମାନେ ହେଲେ ରାଜା ରାମମୋହନ ରାୟ ,ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର , ସ୍ୱମୀ ଦୟାନନ୍ଦ ସରସ୍ୱତୀ , ରାମକୃଷ୍ଣ ପରମହଂସ , ସ୍ୱାମୀ ବିବେକାନନ୍ଦ , ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି , ସତୀଦାହ ପ୍ରଥା , ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରି ଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣ କୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ , ଦୂର୍ଦ୍ଦଶା , ଆପତି ଓ ଅଭିଯୋଗ ଇଂରେଜ ସରକାର ଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍ ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସ ର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ । ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନ ର ମୂଳଦୁଆ ଭାରତରେ ପଡ଼ିଲା ।

ବଙ୍ଗ ,ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ , ବିହାର , ଓଡ଼ିଶା କୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ , ଆସାମ କୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା ।ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା "ବନ୍ଦେ ମାତରମ'' ସଂଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ "ବନ୍ଦେ ମାତରମ'' ନାରାବାଜି ଆରମ୍ଭ ହୋଇଗଲା । "ବନ୍ଦେ ମାତରମ'' ଆନ୍ଦୋଳନ ର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି , ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର "ସ୍ୱଦେଶୀ ଆନ୍ଦୋଳନ ବା "ବନ୍ଦେ ମାତରମ'' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମ ଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା "ମୁସଲିମ୍ ଲିଗ୍'' ର ପ୍ରଭାବ "ବନ୍ଦେ ମାତରମ'' ଉପରେ ପଡ଼ି ପାରି ନ ଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟେ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍ କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶା କୁ ଗୋଟିଏ ପ୍ରଦେଶ । ଆସାମ କୁ ଗୋଟିଏ ପ୍ରଦେଶ ଓ ବଙ୍ଗଳା କୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଳକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ଦାଦା ଭାଇ ନୌରୋଜୀ ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ । ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାନ୍ତ "ହୋମ୍ ରୁଲ'' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାନ୍ତଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାର ଙ୍କ ଅତ୍ୟାଚାର ରୁ ରକ୍ଷା କରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ । ହେଲେ "ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର'' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶା କୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ "ରାଓଲାଟ ଆଇନ୍' କୁ ଭାରତରେ ବିରୋଧ କରାଗଲା । ପଞ୍ଜାବ ର ଜାଲିଆନାଓ୍ୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ ,ପୁରୁଷ ଓ ଶିଶୁ ମିଶି ଦୁଇ ହଜାର ରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକ ର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାର ଙ୍କୁ ତାଙ୍କର "ନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀ ଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟ ର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍ ଙ୍କୁ ପୋଡ଼ି ଦେଲେ ।ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । "ସ୍ୱରାଜଦଳ' ର ନେତା ମୋତିଲାଲ ନେହେରୁ ,ଦେଶବନ୍ଧୁ ଚିତରଞ୍ଜନ ଦାସ , ଜାତୀୟ କଂଗ୍ରେସ ର ଜହାରଲାଲ ନେହେରୁ , ସୁବାଷ ଚନ୍ଦ୍ର ବୋଷ , ବଲ୍ଲଭଭାଇ ପଟେଲ , ଗୋବିନ୍ଦ ବଲ୍ଲଭ ପନ୍ଥ , ରାଜେନ୍ଦ୍ର ପ୍ରସାଦ , ରାଜ ଗୋପାଳ ଚାରୀ , ମୌଲାନା ଆବୁଲ୍‌କାଲମ , ଅବଦୁଲ ଗଫୁର ଖାଁ , ଲାଲା ଲାଜପତ ରାୟ , ଗୋପବନ୍ଧୁ ଦାସ , ନୀଳକଣ୍ଠ ଦାସ , ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନ କାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଧାମ ସିଂହ ଫାଶୀ ପାଇଗଲେ ।

୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା ।"ସାଇମନ୍ ଫେରିଯାଅ'' । କିନ୍ତୁ ସାଇମନ୍ ବ୍ରିଟିଶ ସରକାର ଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧି ଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍ ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶ ରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁବାଷ ବୋଷ କଂଗ୍ରେସ ଛାନି "ଫରଓ୍ୱର୍ଡ଼ ବ୍ଲକ୍'' ନାମରେ ଏକ ଅଲଗା ଦଳ ଗଠନ କଲେ ।

୧୯୩୯ ମସିହାରେ ଜାତିୟ କଂଗ୍ରେସ କୁ ନ ପଚାରି ବଡ଼ଲାଟ୍ ଭାରତ କୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ ।୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ "ଆଜଦ୍ ହୀନ୍ଦ ଫଉଜ'' ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁବାଷ ବୋଷ ଜାପାନ୍ ସାହାର୍ଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । "ଆଜଦ୍ ହୀନ୍ଦ ଫଉଜ'' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ , ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୂର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନ ଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନ ଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କୁ ଭାରତର ବଡ଼ଲାଟ କରି ଫଠାଇଲେ । ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶ କୁ ସ୍ୱାଧିନତା ଦେଇ ଦେଲେ ।ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା ।

ଗୋପବନ୍ଧୁ ଙ୍କ ଭାଷାରେ-

" ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।"

# କଟକ ସ୍ୱାସ୍ଥ୍ୟ ବିଭାଗରେ ଜାଲ୍ ନିଯୁକ୍ତି !

**କଟକ(ସଂପର୍କବାର୍ତ୍ତା):-** ଜଣେ ପୂର୍ବତନ ଲାବ୍ରୋଟେରୀ ଟେକ୍ନିସିଆନ୍ ଜାଲ୍ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥିଲେ । ଏମିତିକି ଅନେକ ବର୍ଷ ଚାକିରୀ କରି ସରକାରୀ ଅର୍ଥ ହଡପ୍ ପରିନେଲେ। ତାଙ୍କ ସାର୍ଟିଫିକେଟ୍ ଜାଲ ଥିବା ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି କରାଯାଇଥିଲେ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଯାହାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ. ସତ୍ୟବ୍ରତ ଛୋଟରାୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏଥିରେ ଆସନ୍ତା ୭ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ପୂର୍ବରୁ କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଲାବ୍ରୋଟୋରୀ ଟେକ୍ନିସିଆନ୍ ଭାବେ ଲଲାଟ କଶୋର ଜେନା କାର୍ଯ୍ୟ କରୁଥିଲେ । ସେ ଜାଲ୍ ସାର୍ଟିଫିକେଟ୍ ଦେଇଥିବା ନେଇ ଅଭିଯୋଗ ପରେ ଜାଲ୍ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା । ଏହାପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ମମତା ବାରିକ ଫାଇଲ୍ ନମ୍ବର ୩୧୪୭ରେ ଗତ ଫେବୃଆରୀ ୧୭ ତାରିଖରେ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଉକ୍ତ ବ୍ୟକ୍ତିଙ୍କ ବିରୋକ୍ଷରେ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏମିତିକି ତାଙ୍କୁ ଦିଆଯାଇଥିବା ସଂପୂର୍ଣ୍ଣ ଟଙ୍କାକୁ ଆଦାୟ କରିବାକୁ ପଦକ୍ଷେପ ନେବାକୁ କହିଥିଲେ । ୩ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ଥିଲା । ମାତ୍ର କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏହାକୁ ବେଖାତିର କରିବା ସହିତ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲେ । ଏନେଇ ପୁଣି ପଦକ୍ଷେପ ନେବାକୁ ମେ ୧୨ ତାରିଖରେ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ପୂର୍ବଥର ଭଳି ଏଥର ମଧ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଚୁପ୍ ରହିଲେ । କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିୟମ ଖିଲାପ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ଏମିତିକି ଆଜି ପର୍ଯ୍ୟନ୍ତ ଲଲାଟଙ୍କ ବିରୋଧରେ ଏତଲା ଓ ଟଙ୍କା ଆଦାୟ ପାଇଁ କାହିଁକି ପଦକ୍ଷେପ ଗ୍ରହଣ କରାଯାଇନି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଛୋଟରାୟଙ୍କୁ ତାଗିଦ୍ କରାଯାଇଛି । ଏଥିରେ ଆସନ୍ତା ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି । ଏ ସମ୍ପର୍କରେ ଶ୍ରୀ ଛୋଟରାୟଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇନାହିଁ।

# ପୋଲିସ୍‌କୁ ଦିଆଯାଉଥିବା ଖାଦ୍ୟ କୁକୁର ଖାଇବନି !



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁପି ପୋଲିସ ଲାଇନ୍ ମେସ୍‌ରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ ହେଉଥିବା ଅଭିଯୋଗ କରି କନଷ୍ଟବଲ ମନୋଜ କୁମାର ଧାରଣାରେ ବସିଛନ୍ତି। ଏକ ପ୍ଲେଟ୍‌ରେ ମେସ୍ ପ୍ରସ୍ତୁତ ଖାଦ୍ୟ ଧରି ମନୋଜ ଭିଡିଓ କରିବା ସହ ଏହାକୁ କୁକୁର ବି ଖାଇବ ନାହିଁ ବୋଲି କାନ୍ଦିକାନ୍ଦି କହୁଥିବା ଦେଖିବାକୁ ମିଳିଛି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭାବେ ପୋଲିସ ପାଇଁ ୧,୮୭୫ଟଙ୍କା ଦେବାକୁ ଦେଇଥିବା ପ୍ରତିଶ୍ରୁତି କଣ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ସରଳା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶାର ବିଶିଷ୍ଟ ନାରୀନେତ୍ରୀ ସାଧୀନତା ସଂଗ୍ରାମରେ ପ୍ରଥମ ମହିଳା ରାଜବନ୍ଦୀ ତଥା ସୁସାହିତ୍ୟକା ଦେବୀଙ୍କ ୧୧୯ତମ ଅବସରରେ ତାଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ୟୁନିଟ୍-୯ ସ୍ଥିତ ରୋଟାରୀ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ତାଙ୍କର ବହୁମୁଖୀପ୍ରତିଭା ଓ ଜନସେବାର ସ୍ମୃତି ଚାରଣ କରିଛନ୍ତି। ରାଜ୍ୟସ୍ତରୀୟ ସରଳା ଦେବୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବାଦ ସମ୍ପାଦକ ତଥା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଉଦ୍ଘାଟକ, ପୂର୍ବତନ ମନ୍ତ୍ରୀ ତଥା ସ୍ତମ୍ଭକାର ପଂଚାନନ କାନୁନ୍ଗୋ ମୁଖ୍ୟଅତିଥି ବିଶିଷ୍ଟ ଲେଖିକା ଡଃ ସଂଘମିତ୍ରା ମିଶ୍ର , ଡଃ ସୋମା ଚାନ୍ଦ, ବିରଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେଯୋଗଦେଇଥିଲେ। ସ୍ମୃତି ପରିଷଦ ଆବାହକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଉତ୍ସବରେ ସଭାପତିତ୍ୱ କରି ରାଜଧାନୀରେ ସଂଗ୍ରାମୀ ସରଳା ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଥିଲେ ବିଶିଷ୍ଟ ଅତିଥି ଓ ବକ୍ତାମାନେ ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ସମୟରେ ସରଳାଙ୍କ କାରାବରଣ ଓ ତାଙ୍କ ପରିବାରର ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ୧୯୩୬ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ପରେ ସରଳା ପ୍ରଥମ ବିଧାନସଭାକୁ ନିର୍ବାଚିତ ହୋଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହିପରି ଓଡିଆ ସାହିତ୍ୟରେ ସବୁଜ ଯୁଗର ଅନ୍ୟତମ ସଦସ୍ୟା ହୋଇ ଜଣେ ଉଚ୍ଚକୋଟୀର ଲେଖିକା ହୋଇପାରିଥିଲା ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଗାଳ୍ପିକା




ସଂଯୁକ୍ତା ମହାନ୍ତିଙ୍କ ଦ୍ୱାରା ରଚିତ ଗଳ୍ପ ସଂକଳନ ବିସର୍ଜନ ବିଶିଷ୍ଟ ଲେଖିକା ବନଜ ଦେବୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ନାଇଜରର କୁଳ ସଚିବ ଅଭୟ ନାୟକ କ୍ୟାଟର ପୂର୍ବତନ ଉପାଧ୍ୟକ୍ଷ ଚିତ୍ତରଂଜନ ମହାପାତ୍ର ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ ଲକ୍ଷ୍ମୀଧର ବେହେରା, କସ୍ତୁରିକା ପଟ୍ଟନାୟକ କ୍ୟାଟର ପୂର୍ବତନ ଉପାଧ୍ୟକ୍ଷ ଚିତ୍ତରଂଜନ ମହାପାତ୍ର ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ବିଶିଷ୍ଟ ବ୍ୟକ୍ତି, ଲେଖକ ଓ ସାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ ଯୋଗ ଦେଇଥିଲେ। ଡଃ ଚିତ୍ତରଂଜନ ସାହାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କନ୍ଦାଉଛି ବମିଖାଲ ଓଭରବ୍ରିଜ୍ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବମିଖାଲ ଓଭରବ୍ରିଜ୍‌ର ପିଛା ଛାଡୁନି ବିବାଦ ନିର୍ମାଣ ବେଳେ ଭୁଶୁଡି ଜଣଙ୍କର ଜୀବନ ଯିବାଠାରୁ ଆରମ୍ଭ କରି ବ୍ରିଜରୁ ତ୍ରୁଟିପୂର୍ଣ୍ଣ ପ୍ଲାନିଂକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ପୁଳାପୁଳା ଅସନ୍ତୋଷ ଭରି ରହିଥିବା ବେଳେ ଏବେ ଏହାର ଦୁରବସ୍ଥା ପାଇଁ ଲୋକେ ଦହଗଞ୍ଜ ହେଉଛନ୍ତି । ଉପଯୁକ୍ତ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଓାଇ ଆକୃତିର ଏହି ବ୍ରିଜ୍ ପ୍ରତି ବିପଦ ସୃଷ୍ଟି ହେଲାଣି ଗତ କିଛି ଦିନ ଦେଲା ରାଜଧାନୀରେ ଭୀଷଣ ବର୍ଷା ଲାଗି ରହିଥିବା ବେଳେ ବ୍ରିଜଉପର ପାଣି ନିଷ୍କାସନ ହୋଇପାରନାହିଁ। ଆଣଏ ଉଚ୍ଚର ପାଣି ଜମି ରହି ଲହଡି ମାରୁଛି । ଫଳରେ ଗାଡି ଚାଳକଙ୍କୁ ହୀନସ୍ତା ହେବାକୁ ପଡୁଛି। ସେହିପରି ଏହି ବିଜୁ ମଝିରେ ଦିଆଯାଇଥିବା ପ୍ଲାଷ୍ଟିକ ଡିଭାଇଡରୁଗୁଡିକ ଭାଙ୍ଗିରୁଜି ଗଲାଣି ଦୁଇ ପାର୍ଶ୍ୱ ଗାର୍ଡଓାଲୁର ମଧ ରଙ୍ଗ ଛାଡି ଯାଇଛି। ଏହି ସାଙ୍ଗକୁ ବ୍ରିଜ୍ ରେ ଲାଗିଥିବା ଅଧାରୁ ଅଧିକଷ୍ଟ୍ରିଟ୍ ଲାଇଟ୍ ନ ଜଳିବା ରାତିରେ ଯା ଆସ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି



ଦୀର୍ଘଦିନ ଧରି ଏହି ସବୁ ସମସ୍ୟା ଲାଗି ରହିଥିଲେ ହେଁ ଏହା ଉପରେ ପୂର୍ତ୍ତ ବିଭାଗର ଦୃଷ୍ଟି ନ ପଡିବା ଲୋକଙ୍କୁ ବେଶି ବ୍ୟଥିତ କରୁଛି। ସୂଚନା ଅନୁସାରେ , ପୂର୍ତ୍ତ ବାଉଗ ଡିଭିଜନ୍-୪ ଅଧୀନରେ ଥିବା ଏହି ବ୍ରିଜ୍ ର ଦୁଇ ପାର୍ଶ୍ୱରେ ପାଣି ନିଷ୍କାସନ ପାଇଁ ଥିବା ଗାତଗୁଡିକୁ ନିୟମିତ ବ୍ୟବଧାନରେ ସଫା କରାଯାଉନି । ଫଳରେ ଧୂଳି ଓ ଜରି ଆଦି ଆର୍ବଜନା ସେହି ଗାତରେ ଜମା ହୋଇ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଗତ କିଛି ଦିନ ହେବ ରାଜଧାନୀରେ ଭୀଷଣ ବର୍ଷା ଲାଗି ରହିଥିବା ବେଳେ ଏହି ବ୍ରିଜ୍ ଉପରେ ଦୀର୍ଘ ସମୟ ଧରି ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଜମି ରହୁଛି । ଏପରି ସ୍ଥିତି ଲାଗି ରହିଲେ ରାସ୍ତା ଖରାପ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି ।

# ଶିକ୍ଷକ ଶିକ୍ଷାକୁ ନିଜର ବ୍ରତ ଭାବେ ଗ୍ରହଣ କରନ୍ତୁ-ମନ୍ତ୍ରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭୁବନେଶ୍ୱର ସ୍ଥିତ ଲେମୋନ ଟ୍ରି ପ୍ରିମିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଏକ ଦିନିକିଆ ସମ୍ମିଳନୀରେ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଶିକ୍ଷକଶିକ୍ଷୟିତ୍ରୀମାନେ ଶିକ୍ଷାଦାନକୁ ନିଜର ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାଶ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ "୫-ଟି" ଉଚ୍ଚ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ, ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ସର୍ବପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବାଙ୍ଗୀନ ବିକାଶ କରିବା ନିମନ୍ତେ ସାମୁହିକ ପ୍ରଚେଷ୍ଟା ପାଇଁ ଆହ୍ୱାନ ଦେଇଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଯେଉଁ ଆଶାଭରଷା ରହିଛି ତାହାର ତ୍ୱରିତ ରୂପାୟନ ନିମନ୍ତେ ମନ୍ତ୍ରୀ ଶ୍ରୀ ଦାଶ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, J-PAL ଓ Break Through ଟ୍ରଷ୍ଟ ଆନୁକୂଲ୍ୟରେ ଉଚ୍ଚ ପ୍ରାଥମିକ ଓ




ଉଚ୍ଚ ମାଧ୍ୟମିକ ସ୍କୁଲରେ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଚୁକ୍ତି (MOU) ସ୍ୱାକ୍ଷରିତ ହୋଇଅଛି। ଏହି କାର୍ଯ୍ୟକ୍ରମରେ ଆଗାମୀ ଶିକ୍ଷା ବର୍ଷରୁ ପିଲାମାନଙ୍କ ପାଠ୍ୟ ପୁସ୍ତକରେ ଲିଙ୍ଗଗତ ସମାନତା ପାଠ୍ୟ କ୍ରମରେ ସାମିଲ କରାଯିବ। ବର୍ତ୍ତମାନ ପିଲାମାନଙ୍କୁ ଏକ ସହାୟକ ପୁସ୍ତିକା ମାଧ୍ୟମରେ ଲିଙ୍ଗଗତ ସମାନତା ପାଠ ଅଧ୍ୟୟନ କରିବେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ କରାଯିବ। J-PAL ଓ Break Through ବୈଷୟିକ ଓ ଗବେଷଣା ସହାୟତା ଯୋଗାଇ ଦେବ ବୋଲି ସମ୍ମିଳନୀରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ ବିଦ୍ୟାଳୟ ବାହାରେ ଥିବା, ଅଧାରୁ ପାଠ ଛାଡିଥିବା ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ ପାଇଁ ଏକ ପେଟିକାକୁ ମାନ୍ୟବର ମନ୍ତ୍ରୀ ଓ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଉନ୍ମଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୧୦ଟି ଆକାଂକ୍ଷୀ ଜିଲ୍ଲା ଗୁଡିକରେ ୧୦୦ ଗୋଟି ବିଦ୍ୟାଳୟରେ ପ୍ରଚଳନ କରାଯାଇଛି, ଯାହାକି ବିଦ୍ୟାଳୟ ସମୟ ନିର୍ଘଣ୍ଟ ବାହାରେ କ୍ଲାସ ହେବାର ଯୋଜନା ରହିଛି। ଏହି ଅବସରରେ "ଶିକ୍ଷଣ ଭରଣା ଯୋଜନା" କାର୍ଯ୍ୟକ୍ରମ ପୁସ୍ତିକା ଓ ସଫ୍ଟଓୟାର ମଧ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ପିଲାମାନଙ୍କ ପାଇଁ ଲୋକାର୍ପିତ ହୋଇଥିଲା। ଏହା ଦ୍ୱାରା ୪୩,୯୧,୨୮୭ ଛାତ୍ରଛାତ୍ରୀ ଉପକୃତ ହେବେ।

# ଏସ୍.ଆଶ୍ୱଥୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଏସ୍.ଆଶ୍ୱଥୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଶନର ତଥା ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ଶାସନ ସଚିବ ଏସ୍.ଆଶ୍ୱଥୀ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତାଙ୍କ ଲୋକସେବା ଭବନସ୍ଥିତ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ଥିଲେ।



ମନ୍ତ୍ରୀ ଶ୍ରୀ ଦାଶଙ୍କ ସହ ବିଭାଗ ଦ୍ୱାରା କାର୍ଯ୍ୟକ୍ରାରୀ ହେଉଥିବା କାର୍ଯ୍ୟକ୍ରମ, ଯୋଜନା ଆଦି ବାବଦରେ ସେ ଆଲୋଚନା କରିଥିଲେ। ବିଭାଗକୁ ଅଧିକ କ୍ରିୟାଶୀଳ କରି ଶିକ୍ଷା କ୍ଷେତ୍ରରେ ରାଜ୍ୟକୁ ଏକ ଉଚ୍ଚତର ସୋପାନକୁ ନେବା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ ସମୟରେ ବିଭାଗରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରମୁଖ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

# କଟକ ବ୍ରାହ୍ମଣଜରିଲୋଠାରେ ଫାଣ୍ଡି ହେଉନି କାହିଁକି ?

**କଟକ(ସଂପର୍କବାର୍ତ୍ତା):-** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ପୁଲିସ ବିଟ ହାଉସକୁ ଫାଣ୍ଡିରେ ପରିଣତ କରିବାକୁ ସାଧାରଣରେ ଦାବି ହେଉଛି । ଥାନାଠାରୁ ଏହି ଅଂଚଳର ଅଧିକ ଦୂରତା ଏବଂ ଆଇନ ଶୃଙ୍ଖଳା ଦୃଷ୍ଟିରୁ ଏଠାରେ ଏକ ନୂତନ ଥାନା ପ୍ରତିଷ୍ଠା କରିବାକୁ ଦୀର୍ଘଦିନ ହେଲା ଦାବି ହୋଇଆସୁଥିଲା । ଭୌଗଳିକ ଅବସ୍ଥିତି ଏବଂ ସଂଶ୍ଳିଷ୍ଟ ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ତରକାର ଏଠାରେ ପ୍ରାଥମିକ ପଦକ୍ଷେପ ସ୍ୱରୂପ ଏକ ପୁଲିସ ବିଟ ହାଉସ ଆରମ୍ଭ କରିବାକୁ ବିଧିବଦ୍ଧଭାବେ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ୨୦୨୧ ମସିହା ନଭେମ୍ବର ୧୫ରେ ପୁଲିସ କମିସନର ଅନ ଅଧିକାରୀଙ୍କ ଉପସ୍ଥିତିରେ ଏଠାରେ ଏକ ନୂତନ ବିଟ ହାଉସକୁ ଉଦ୍‌ଘାଟନ କରିଥିଲେ । ମାତ୍ର ଏଠାରେ ଆନୁସଙ୍ଗିକ ବ୍ୟବସ୍ଥା, ପିସିଆର ଗାଡି କିମ୍ବା ବାଇକ ନଥିବାରୁ ପାଟ୍ରୋଲିଂ କାର୍ଯ୍ୟ ହୋଇପାରୁ ନାହିଁ । ଫଳରେ ଏଠାରେ ଆଉଟ ପୋଷ୍ଟ ଥିବା ଯାହା ନଥିବା ସଂଗେ ସମାନ ବୋଲି ଅଭିଯୋଗ ହେଉଛି । ଅପରପକ୍ଷରେ ଗତ ଏପ୍ରିଲ ୨୨ରେ ବ୍ରାହ୍ମଣଝରିଲୋ ବିଟ ହାଉସକୁ ଫାଣ୍ଡିରେ ପରିଣତ କରାଯିବ ବୋଲି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଠାରେ ଜଣେ ଏଏସଆଇଙ୍କୁ ନିଯୁକ୍ତି ଦିଆଯିବା ସହ ତାଙ୍କ ଅଧିନରେ ୬ ଜଣ କନେଷ୍ଟବଳ ରହିବେ ଏବଂ ନଗରୀ, କୁରାଙ୍ଗପ୍ରଧାନ, ହରିଅନ୍ତା, କୁରାଙ୍ଗଶାସନ ଓ ଦକ୍ଷିଣ ଉଷୁମା ଅଂଚଳ ଫାଣ୍ଡିର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ହେବ ବୋଲି ଘୋଷଣା ହେଲା । ଅଥଚ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ନଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଉକ୍ତ ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବା ସହିତ ଅପରାଧମୂଳକ କାର୍ଯ୍ୟକଳାପ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ବ୍ୟସ୍ତବହୁଳ ଫୁଲନଖରା - ନିଆଳି ୬୦ ନଂ. ରାଜ୍ୟ ରାଜପଥରେ ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟା ଦିନକୁଦିନ ଜଟିଳ ହେବାରେ ଲାଗିଛି । ସେହିପରି ସଂଶ୍ଳିଷ୍ଟ ଅଂଚଳରେ ଥିବା ସରକାରୀ ଜାଗାରୁ ମାଟି ଚୋରା ଚାଲାଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ଏତଦ୍ ସହିତ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନସୁଗାର କାରବାର ପୁଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଗୋଟିଏ ମାତ୍ର ପିସିଆର ଗାଡିକୁ ନେଇ ଚାଲିଛି ସଦର ଥାନା । ୨୦ କି.ମି. ଦୂରତାରେ ଥିବା ବ୍ରାହ୍ମଣଝରିଲୋ ଅଂଚଳରେ କୌଣସି ଅଘଟଣ ହେଲେ ପୁଲିସ ସେଠାରେ ପହଞ୍ଚାରେ ବିଳମ୍ବ ହେଉଛି । ଏଣୁ ବିଟ୍ ହାଉସକୁ ଫାଣ୍ଡିରେ ପରିଣତ କରିବା ସହ ଏକ ପିସିଆର ଗାଡି ଯୋଗାଇଦେବାକୁ ସତ୍ୟ ମହାନ୍ତି, ସୁନ୍ଦର ପବିତ୍ର ଦାସ, ଅଶ୍ୱିନୀ ମହାପାତ୍ର, ଆଇନଜୀବୀ ଅଭିରାମ ପାତ୍ର, କୈଳାସ ଚନ୍ଦ୍ର ସାହୁ, ନିରଞ୍ଜନ ମଙ୍ଗରାଜ, ପ୍ରତାପ ଚନ୍ଦ୍ର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ଅଗଷ୍ଟ ୨୮ରେ କଂଗ୍ରେସର ଦିଲ୍ଲୀ ଚାଲୋ ଡାକରା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟାରେ ପ୍ରତିବାଦ କରିବା ପାଇଁ ଦିଲ୍ଲୀ ଚାଲୋ ଡାକରା ଦେଇଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ସେ କହିଛନ୍ତି ଯେ ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ସଂପର୍କରେ ଲୋକମାନଙ୍କ ମନରେ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୧୭ ତାରିଖରୁ ୨୩ ତାରିଖ ଭିତରେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀର ମଣ୍ଡି, ହାଟବଜାର, ଜନହଗଳି ପୂର୍ଣ୍ଣ ଅଞ୍ଚଳରେ ମହଙ୍ଗାର ପର ଚର୍ଚ୍ଚା କରିବା ସହ ଓ ପ୍ରଚାରପତ୍ର ବଣ୍ଟନ କରାଯିବ। ଏହା ସହିତ ୨୮ ତାରିଖରେ ଦିଲ୍ଲୀରେ ରାମଲୀଳା ମୈଦାନରେ 'ମହଙ୍ଗାଇ ପର ହଲ୍ଲା-ଦିଲ୍ଲୀ ଚାଲୋ' ଅନୁଷ୍ଠିତ ହେବ।

ସେ କହିଛନ୍ତି, ଦେଶରେ ଅହେତୁକ ଦରବୃଦ୍ଧି ଘଟି ଲୋକେ ମହଙ୍ଗା ମାଡରେ ସନ୍ତୁଳି ହେଉଥିବା ବେଳେ ଉକ୍ତ ବେକାରୀ ସମସ୍ୟା ଦେଶର ଯୁବସମାଜକୁ ହତାଶ ଓ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି। ୨୦୧୪ ମସିହାରେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ଚାକିରି, ସମସ୍ତଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଜମା ତଥା ଦରବୃଦ୍ଧି ଉପରେ ନିୟନ୍ତ୍ରଣ କରିବା ପାଇଁ ଅନେକ ପ୍ରତିଶ୍ରୁତି ଦେଶବାସୀଙ୍କୁ ଦେଇଥିଲେ। ହେଲେ ସେ ସମସ୍ତ ପ୍ରତିଶ୍ରୁତିକୁ ରକ୍ଷା କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି।

# ପାରାଦ୍ୱୀପରେ ଝାଉଁ ଜଙ୍ଗଲ କାଟି ସଫା

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** କିଛି ଜମି ମାଫିଆମାନେ ସମୁଦ୍ର କୂଳରେ ଥିବା ଝାଉଁ ଜଙ୍ଗଲ କାଟି ଧ୍ୱଂସ କରି ସାରିଲେଣି। ପ୍ରାୟ ଆନୁମାନିକ ୫ ଏକରରୁ ଅଧିକ ଝାଉଁ ଜଙ୍ଗଲ କାଟି ଧ୍ୱଂସ କରି ସାରିଲେଣି। ଏ ଜଙ୍ଗଲ କାହା ସ୍ୱାର୍ଥରେ କଟାଯାଉଛି, ଯାହା ବାତ୍ୟା ସମୟରେ ଆମର ରକ୍ଷା କବଚ ପାଲଟିଥାଏ, ଜୁଆର ପାଣି ଓ ପବନରୁ ଆମକୁ ରକ୍ଷା କରିଥାଏ। ହେନ୍ତାଳ ବଣ ତ ନଷ୍ଟ କରିଦେଲେ ବର୍ତ୍ତମାନ, ଝାଉଁ ଜଙ୍ଗଲ କାଟି ଧ୍ୱଂସ କରିସାରିଲେଣି। କିଛି ଅସାଧୁ କାଠ ମାଫିଆମାନେ ଯାହା ଚନକଣ ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ପର୍ଯ୍ୟନ୍ତ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଗଛ ହେବ, ମୁଁ ଶୁଣିବାକୁ ପାଇଲି ଯେ ସେମାନେ ପର୍‌ମିସନ୍ ଆଣି ଗଛ କାଟୁଛନ୍ତି, ଛୁଆ ଆପଣ ଜନ୍ମ କରି ପାରିବେ କିନ୍ତୁ ତାକୁ ମାରି ପାରିବେ ନାହିଁ ଯାହା ଗଛ ଲଗାଇ ଫୋଟ ଉଠାଇ ଗଛ କାଟିବା ମଧ ସେଇଆ, ମୁଁ ଯେତେବେଳେ ଶୁଣିଲି ପର୍‌ମିସନ୍ ଆଣି ଗଛ କାଟିଛନ୍ତି, ତେଣୁ କରି ମୁଁ କୁଜଙ୍ଗ ଫରେଷ୍ଟ ରେଞ୍ଜ ଅଫିସ୍‌ଙ୍କ ସହିତ କଥା ହେଲି ସିଏ ମନା କରିଲେ କହିଲେ, ଆମେ କାହାକୁ ଅନୁମତି କାଟିବା ପାଇଁ ଦେଇ ପାରିବୁ ନାହିଁ, ତହସିଲ୍‌ଦାର ମାଡାମଙ୍କ ସହିତ କଥା ହେଲି, ମାଡାମ ମଧ ମନା କରିଲେ, ଆମେ କିଏ ଜଙ୍ଗଲ ଜମୀ କାଟିବାକୁ ପେରମିସନ୍ ଦେବାକୁ, ତେବେ ଏ ମାଫିଆମାନେ କାହା ପ୍ରରୋଚନାରେ କାଟୁଛନ୍ତି ଓ ସେ କଟା କାଠ ଗୁଡିକ କାହାକୁ ବିକ୍ରି କରାଯାଉଛି, ମୁଁ ଆଜି ଏ ବାବଦରେ National Green Tribunal ରେ ଏକ ପିଟିସନ୍ ଦାଖଲ କରିବାକୁ ଯାଉଛି, ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ


# ସହିଦନଗର-ରସୁଲଗଡ ରାସ୍ତାରେ ମଲେ ଦାୟି କିଏ ?

**କୋର୍ଟରେ ମାମଲା, ରାସ୍ତା ହେବନି:ପୂର୍ତ୍ତ ବିଭାଗ**

ଭୁବନେଶ୍ୱର(**ସଂପର୍କବାର୍ତ୍ତା**):- ବ୍ରିଜର ଠାଏଠାଏ ଅଂଶରୁ ଗୋଡି ଉଠି ଗଲାଣି । ଅପରପକ୍ଷେ ଦୁଇପାର୍ଶ୍ୱ ଗାର୍ଡଓାଲର କଳାଧଳା ରଙ୍ଗ ଛାଡି ଯାଇଥିବାରୁ ରାତିରେ ଲୋକମାନଙ୍କୁ ଏହା ଠିକ୍ ଭାବେ ଦୃଶ୍ୟମାନ ହେଉନାହିଁ । ବ୍ରିଜରେ ଲାଗିଥିବାଷ୍ଟ୍ରିଟ ଲାଇଟ୍‌ରୁ ଅଧାରୁ ଅଧିକ ଜଳୁନଥିବାରୁ ବିଭିନ୍ନ ସମୟରେ ଗାଡି ଚାଳକ ରାସ୍ତା ଦେଖି ନପାରି ଗାର୍ଡଓାଲରେ ପିଟି ହୋଇଯାଉଛନ୍ତି ବିଶେଷକରି ସହିଦନଗର ରସୁଲଗଡ ସଂଯୋଗସ୍ଥଳରେ ଅଧିକାଂଶ ସମୟରେ ଗାଡିଗୁଡିକ ମୁହାଁମୁହିଁ ହୋଇଯାଉଛନ୍ତି । ଏନେଇ ପୂର୍ତ୍ତ ବିଭାଗରେ ଜଣେ ବିରଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ମାଣାଧୀନ ବ୍ରିଜ ଭୁଶୁଡି ପଡିବା ଘଟଣା ପରଠାରୁ ପଣ୍ଡା କଷ୍ଟ୍ରକସନ୍ ନାଁରେ ଉଚ୍ଚନ୍ୟାୟାଳୟରେ ମାମଲା ।ଚାଲିଛି ଯଦିଓ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ବ୍ରିଜ୍‌କୁ କାର୍ଯ୍ୟକ୍ଷମ କରିଦିଆଗଲା କିନ୍ତୁ ମାମଲା ନ ସରିବ ।ପର୍ଯନ୍ତ ପୂର୍ତ୍ତ ବିଭାଗ ଏହାର ରକ୍ଷଣାବେକ୍ଷଣ ନ କରିବାକୁ ନିଷ୍ପତ୍ତି ହୋଇଛି । କୋର୍ଟରେ ମାମଲାରେ ବିଚାର ସରିବା ପରେ ତଦନୁଯାୟୀ ନିଷ୍ପତ୍ତି ନିଆଯିବ ।

# କୃଷ୍ଣ ବାଣୀ

ଭୁବନେଶ୍ୱର(**ସଂପର୍କବାର୍ତ୍ତା**):- ନଦୀ ପାଖଦେଇ ଜଣେ ଭିକାରି ଯାଉଥିବା ସମୟରେ ସେହି ପାଖରେ ଜଣେ ବୃଦ୍ଧା ବସିଥିଲେ । ଭିକାରି ଲୋକ ଜଣଙ୍କୁ ପଚାରିଲେ ଏଠାରୁ ଗାଁ କେତେ ଦୂର ଅଟେ ? ଶୁଣିଛି ସୂର୍ଯ୍ୟ ଅସ୍ତ ହେବା ପରେ ହିଁ ଗାଁର ଦ୍ୱାରା ବନ୍ଦ ହୋଇଯାଏ । ଏବେ ସନ୍ଧ୍ୟା ହେବାକୁ ଯାଉଛି । କଣ ମୁଁ ସେଠାରେ ପହଞ୍ଚି ଜୀବି ? ବୁଢି କହିଲା ଧୀରେ ଚାଲିବ ତ ପହଞ୍ଚି ବି ପାରିବ । ଭିକାରି ଏହା ଶୁଣି ଚିନ୍ତରେ ପଡିଗଲା ସେ ଭାବିବାକୁ ଲାଗିଲା କି ଲୋକ କହିନ୍ତ କି ଶୀଘ୍ର ଯାଅ , କିନ୍ତୁ ଇଏ ତ ବିପରୀତ କଥା କହୁଛନ୍ତି । ଏଇ ତ ମତେ ଭିକାରି ମଜାକ ଉଡାଉଛନ୍ତି । ସେ ଜୋରରେ ଦୌଡିବାକୁ ଲାଗିଲା ରାସ୍ତା ଆବଡା ଖାବଡା ଏବଂ



ପଥରିଆ ଥିଲା କିଛି ସମୟ ପରେ ଭିକାରି ପଡିଗଲା କିଛି ପ୍ରକାରରେ ସେ ଉଠିତ ଗଲା କିନ୍ତୁ କଷ୍ଟ ପାଇଁ ଚିନ୍ତା କରୁଥିଲା ସେ ଚାଲି ପାରୁନଥିଲା ଚାଲିବାରେ ବହୁତ କଷ୍ଟ ହେଉଥିଲା ସେ କୌଣସି ପ୍ରକାର ତ ଆଗକୁ ବଢିଲା କିନ୍ତୁ ସେତବେଳେକୁ କିନ୍ତୁ ସେତେବେଳେକୁ ଅନ୍ଧାର ହୋଇଯାଇଥିଲା ସେହି ସମୟରେ ସେ ଗାଁ ଠାରୁ ଅଳ୍ପ ଦୂରରେ ଥିଲା ସେ ଦେଖିଲା କି କାବଟ ବନ୍ଦ ହୋଇଯାଇଥିଲା ସେ ଦୁଃଖୀ ହୋଇଗଲା ତା ଠିକ ପାଖରେ ଜଣେ ବ୍ୟକ୍ତି ଯାଉଥିଲା ସେ ଭିକାରି କୁ ଦେଖି ହସିବାକୁ ଲାଗିଲା । ଭିକାରି ରାଗିଯାଇ କହିଲା ତୁମେ ହସୁଛ କଣ ପାଇଁ ? ବ୍ୟକ୍ତି କହିଲେ କି ଆଜି ଆପଣଙ୍କର ଯାହା ଅବସ୍ଥା ହୋଇଛି ତାହା କେବେ ମୋର ବି ହୋଇଥିଲା ଭିକାରୀର ଇଚ୍ଛାଶକ୍ତି ବଢିଗଲା ସେ ପଚାରିଲା ସଫା ସଫା କୁହ ଭାଇ ସେ ବ୍ୟକ୍ତି କହିଲେ ନଦୀ ପାଖରେ ଜଣେ ବାବା ମତେ ବି କହିଥିଲେ କି ଧୀରେ ଯାଅ ସେତେବେଳେ ମତେ ଠିକ ଲାଗିନଥିଲା ପ୍ରକୃତରେ ସେ କହିବାକୁ ଚାହୁଁଥିଲେ କି ରାସ୍ତା ଭଲ ନାହିଁ । ସମ୍ଭାଳି ହୋଇ ଚାଲିବ ତ ଶୀଘ୍ର ପହଞ୍ଚି ପାରିବ । ଜୀବନରେ ଜୋର ଦୌଡି ବା ଠିକ ହୋଇନଥାଏ । କେବେ କେବେ ଭାବିଚିନ୍ତି ଧୀରେ ଧୀରେ ପାଦ ବଢାଇଲେ ବି କାମ ଆସିଥାଏ ଶିକ୍ଷା ଜ୍ଞାନି ବ୍ୟକ୍ତି ଙ୍କର କଥାକୁ କେବେ ଅଣଦେଖା କରିବ ନାହିଁ ସଫଳତା ପ୍ରାପ୍ତ କରିବା ପାଇଁ ଧର୍ଯ୍ୟର ସହିତ କାମ କରନ୍ତୁ ।

# ୧୮ରେ ଜନ୍ମାଷ୍ଟମୀର ଶୁଭ ମୁହୂର୍ତ୍ତ

ଭୁବନେଶ୍ୱର(**ସଂପର୍କବାର୍ତ୍ତା**):- ହିନ୍ଦୁ ପଞ୍ଜିକା ଅନୁସାରେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଏ ଶ୍ରୀକୃଷ୍ଣ ଜନ୍ମଦିନ । ଯାହାକୁ ଲୋକେ ଜନ୍ମାଷ୍ଟମୀ ଭାବେ ପାଳନ କରନ୍ତି । ଏହି ଦିନ ଲଗ୍ନରେ ରୋହିଣୀ ନକ୍ଷତ୍ର ରହିଥାନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ରୋହିଣୀ ନକ୍ଷେତ୍ର ମଧରାତ୍ରରେ ହୋଇଥିଲା । ଏହି ଦିନକୁ ଭକ୍ତମାନେ ବେଶ୍ ଧୂମ୍‌ଧାମରେ ଖାସ୍ ସଜାସଜି ହେବା ସହ ଶ୍ରୀକୃଷ୍ଣ ଶୃଙ୍ଗାର କରି ତାଙ୍କୁ ଦୋଳିରେ ବସା ଯାଇଥାଏ । ଏପରିକି ଅନେକ ଭକ୍ତ ଘରେ ମଧ ଶ୍ରୀକୃଷ୍ଣଙ୍କୁ ଦୋଳିରେ ବସାଇ ପୂଜା କରିଥାନ୍ତି । ତେବେ ଏଥର ଜନ୍ମାଷ୍ଟମୀ ଅଗଷ୍ଟ ୧୮ ତାରିଖରେ ପଡୁଛି । ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଗଣନା ପଦ୍ଧତିର ବୈଷମ୍ୟ ଯୋଗୁଁ ଜନ୍ମାଷ୍ଟମୀ ପାଳନ ଗୋଟିଏ ଦିନ ଆଗପଛରେ ମଧ କରାଯାଇଥାଏ । ଏଥର ମଧ କିଛି ସ୍ଥାନରେ ଅଗଷ୍ଟ ୧୮ରେ ପୂଜା କରାଯାଉଥିବା ବେଳେ ଆଉ କେଉଁଠି ୧୯ ତାରିଖରେ ମଧ ଜନ୍ମାଷ୍ଟମୀ ପୂଜା କରାଯିବ । ତେବେ ୧୮ ତାରିଖ ରାତି ୧୨ ଟା ୪୭ ହେଉଛି ପୂଜା କରିବାର ଉଚିତ ସମୟ ।




# ସୁଜି ପରଟା

**ପ୍ରସ୍ତୁତି ପ୍ରଣାଳୀ-** ପ୍ରଥମେ କରେଇକୁ ଗରମ କରନ୍ତୁ । କରେଇ ଗରମ ହେବାପରେ ସେଥିରେ ସୁଜି ପକାଇ ଦିଅନ୍ତୁ ପରେ ସେଥିରେ ଘିଅ ପକାଇ କିଛି ସମୟ ଭାଜନ୍ତୁ ସୁଜି ଭାଜି ହୋଇଗଲା ପରେ ସେଥିରେ ପାଣି ପକାଇ କିଛି ସମୟ ଜନ୍ତି ଦିଅନ୍ତୁ ସେଥିରେ ସ୍ୱାଦ ଅନୁସାରେ ଲୁଣ ପକାଇ ଦିଅନ୍ତୁ ସୁଜିର ଜନ୍ତୁଣି ହୋଇଗଲା ପରେ ତାକୁ ଏକ ପ୍ଲେଟ୍‌କୁ କାଢି ଦିଅନ୍ତୁ ତାକୁ ଥଣ୍ଡା ହେବା ପାଇଁ କିଛି ସମୟ ଛାଡି ଦିଅନ୍ତି ଥଣ୍ଡା ହୋଇଗଲା ପରେ ସେଥିରେ ଅଳ୍ପ ଅଟା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ପୁଣି ତାଓାକୁ

**ଆବଶ୍ୟକ ସାମଗ୍ରୀ**
**ସୁଜି,ତେଲ, ଅଟା, ଲୁଣ, ଘିଅ**



କରନ୍ତୁ । ତାଓା ଗରମ ହେଲା ପରେ ସୁଜି ପରଟାକୁ ସେଥିରେ ପକାଇ ସେଥିରେ ଦିଅନ୍ତୁ । ଏହାର ଉପରେ ଘିଅ ପକାଇ ଓଲଟାଇ ଦିଅନ୍ତୁ ପରଟାରେ ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ପ୍ଲେଟକୁ କାଢି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ପରଟା ଏହାକୁ ଆପଣ ତରକାରୀ ଓ ଚଟଣି ସହ ଖାଇ ପାରିବେ ।

# ମେଧାବୀଙ୍କୁ ମିଳିବ ୨୪ ହଜାର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ମାସରେ ୨୪ ହଜାର ଟଙ୍କା ମିଳିବ । ଏଥିପାଇଁ ସେମାନଙ୍କୁ ଏକ ଅନ୍‌ଲାଇନ୍ ପରୀକ୍ଷାରେ ପାସ କରିବାକୁ ପଡିବ । ମେଧାବୀ ନ୍ୟାସନାଲ ସ୍କଲାରସିପ୍ ଯୋଜନା ମାଧ୍ୟମରେ ସକ୍ଷମ କ୍ୟାସ ରିୱାର୍ଡ ୨୦୨୨ରେ କୃତକାର୍ଯ୍ୟ ହେଲେ ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ମିଳିବ । ଏ ନେଇ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଚି । ଯେଉଁ ଛାତ୍ରଛାତ୍ରୀମାନେ ଏହି ସ୍କଲାରସିପ୍‌ର ଫାଇଦା ଉଠାଇବାକୁ ଚାହୁଛନ୍ତି ସେମାନେ ଏହାର ଅଫିସିଆଲ୍ ୱେବ୍‌ସାଇଟ୍ medhavionline.orgକୁ ଯାଇ ଅନ୍‌ଲାଇନ୍‌ରେ ଆପ୍ଲାଏ କରିପାରିବେ ।

# ବାଲିଘାଟରୁ ସରକାର ପାଉଛନ୍ତି ରାଜସ୍ୱ: ଦୁର୍ଦ୍ଦଶା ଭୋଗୁଛନ୍ତି କଟକବାସୀ !

**କଟକ(ସଂପର୍କବାର୍ତ୍ତା):-** ପ୍ରତାପନଗରୀ-ଗୋବିନ୍ଦପୁର ବ୍ୟସ୍ତବହୁଳ ନାଳ ବନ୍ଧ ରାସ୍ତା ଅଂଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ସବୁଠାରୁ ଅଧିକ ବିପଦପୂର୍ଣ୍ଣ ହୋଇଛି ଏହି ରାସ୍ତାର ପ୍ରତାପନଗରୀଠାରୁ କୋରକରା ପର୍ଯ୍ୟନ୍ତ ୧୨ କିମି ରାସ୍ତା । ଏହି ରାସ୍ତା ନିକଟରେ ସିଡୁଆ ନଦୀର ଦୁଇଟି ବାଲିଘାଟ ରହିଥିବାରୁ ଦିନରାତି ଶହଶହ ବାଲି ବୋଝେଇ ହାଇଓ୍ୱା ଟ୍ରକ ଯିବାସିବା କରିବାରୁ ରାସ୍ତା ବିପର୍ଯ୍ୟସ୍ତ ହେବା ଶହ ଲୋକମାନଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି । ବାଲିଘାଟରୁ ସରକାର ରାଜସ୍ୱ ପାଉଥିବାବେଳେ ଅଂଚଳବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି ।

ଉରାଳି, ଖଣ୍ଡେଏତା, ଉଷୁମା, ଖଲର୍ଦ୍ଦା ଓ କୋରକରା ପଂଚାୟତର ପ୍ରାୟ ୨୦ଟି ଗ୍ରାମର ଶହଶହ ଲୋକ ଏହି ରାସ୍ତା ଦେଇ ଯାଇଥାନ୍ତି । ସେହିପରି ୪୨ ମୌଜା, ଗୋବିନ୍ଦପୁର ଓ ଝାରପଡା ଅଂଚଳର ଲୋକମାନେ କଟକ, ଭୁବନେଶ୍ୱରକୁ ଏହି ରାସ୍ତା ଦେଇ ଯାଇଥାନ୍ତି । ସଇଁନ୍ଧା ହାଇସ୍କୁଲ, ଶଙ୍ଖତ୍ରାସ ହାଇସ୍କୁଲ, ଅଭିରାମ ପରମହଂସ, ଜୟନ୍ତୀ ଦେବୀ ବିଦ୍ୟାପୀଠ, ବିଶିପଦା ହାଇସ୍କୁଲର ପ୍ରାୟ ଶହ ଶହ ପିଲା ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଇଥାନ୍ତି । ଏହି ରାସ୍ତାରେ ହାଇଓ୍ୱା ଯିବା ଦ୍ୱାରା ତିନି ଜଣଙ୍କ ମୃତ୍ୟୁ ହେବା ଶହ ଅନେକ ଲୋକ ଆହତ ହୋଇଛନ୍ତି । ଡ୍ରାଇଭରମାନଙ୍କ ବେପରୁଆ ଗାଡି ଚାଳନା ଦ୍ୱାରା ଅନେକ ହାଇଓ୍ୱା ନାଳକୁ ଲେଉଟିପଡିଛି । ହାଇଓ୍ୱା ଯିବା ଦ୍ୱାରା ନାଳ ଉପରେ ହୋଇଥିବା ପୁରୁଣାକାଳିଆ ପୋଲଗୁଡିକ ଭାଙ୍ଗିରୁଜି ଗଲାରି । ଶଙ୍ଖତ୍ରାସ ବଜାରଠାରେ ଥିବା ଏକ ପୋଲ ଫାଟି ଯାଇଥିଲେ ବି ସେହି ପୋଲ ଦେଇ ହାଇଓ୍ୱା ଯିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚରେ ପ୍ରତାପନଗରୀ-ଗୋବିନ୍ଦପୁର କେନାଲବନ୍ଧ ରାସ୍ତା ତିଆରି ହୋଇଥିଲାବେଳେ ଅଂଚଳବାସୀ ଅନେକ ଖୁସି ହୋଇଥିଲେ । କିନ୍ତୁ ଶହଶହ ବାଲି ବୋଝେଇ ହାଇଓ୍ୱା ଯିବା ଦ୍ୱାରା ଅଳ୍ପ ଦିନ ଭିତରେ ରାସ୍ତାଟି ନଷ୍ଟ ହୋଇଗଲାଣି । ଫଳରେ ପ୍ରତାପନଗରୀଠାର କୋରକରା ପର୍ଯ୍ୟନ୍ତ ଏହି ରାସ୍ତା କଡରେ ଥିବା ଗ୍ରାମିଁ ଓ କୋରକରାରେ ଥିବା ବଜାରକୁ ଯିବା ପାଇଁ ଲୋକେ ଭୟ କରୁଛନ୍ତି । ହାଇଓ୍ୱାଗୁଡିକ ରାସ୍ତାରେ ଦ୍ରୁତ ଗତିରେ ଯିବାରୁ ଗର୍ଭବତୀ ମହିଳା ଏବଂ ମୁମୂର୍ଷୁ ରୋଗୀ ଆମ୍ବୁଲାନ୍ସରେ ଯିବାକୁ ସମସ୍ୟା ହେଉଛି । ବାଲି ନେବା ସମୟରେ ବନ୍ଧ ଉପରେ ଶହଶହ ଡାଇଓ୍ୱା ଠିଆ ହେବା ଦ୍ୱାରା ଲୋକେ ଯିବାରେ ଅସୁବିଧା ହେଉଛି । ଅନେକ ବାଲି ବୋଝେଇ ଗାଡି ବାଲି ଉପରେ ପାଲ ନ ପକାଇବାରୁ ବାଲି ଉଡି ଲୋକଙ୍କ ଆଖିରେ ପଶି ଦୁର୍ଘଟଣା ଘଟୁଛି । ଏଥିପାଇଁ ଅଂଚଳବାସୀଙ୍କ ପକ୍ଷରୁ ଅନେକ ଥର ରାସ୍ତାରେକ କରାଯାଇଥିଲେ ସୁଦ୍ଧା ପ୍ରଶାସନ କର୍ଣ୍ଣପାତ କରୁନାହିଁ । ଏହି ସମସ୍ୟା ଗୁଡିକର ସମାଧାନ ନ ହେଲେ ଆଗାମୀ ଦିନରେ ଅଂଚଳବାସୀଙ୍କ ପକ୍ଷରୁ ଏକ ବିରାଟ ଆନ୍ଦୋଳନ ହେବାର ଆଶଙ୍କା ଦେଖାଦେଇଛି । ବିଭାଗୀୟ ଅଧିକାରୀ ଅଂଚଳବାସୀଙ୍କ ସହ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରଦ୍ୟୁମ୍ନ କୁମାର ଶତପଥୀ ଦାବି କରିଛନ୍ତି ।

# ବୁଣାକାରଙ୍କ ସମ୍ମିଳନୀ ଓ ଆଲୋଚନା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ ସମାରୋହ ସହ ବିଭିନ୍ନ କାର୍ଯ୍ୟକ୍ରମ ଅଗଷ୍ଟ ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଅଗଷ୍ଟ ୭ ତାରିଖ ଦିନ ଏହି ସମାରୋହର ଶୁଭ ଉଦ୍‌ଘାଟନ ହୋଇଥିବାବେଳେ ଅଗଷ୍ଟ ୮ ତାରିଖ ଦିନ ବୁଣାକାର ସମ୍ମିଳନୀ ତଥା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

ଜୟଦେବ ଭବନରେ ଅନୁଷ୍ଠିତ ଏହି ବୁଣାକାର ସମ୍ମିଳନୀ ବୟନ ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା । ବୁଣାକାର ସମ୍ମିଳନୀରେ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୦୦ ଜଣ ବୁଣାକାର ଯୋଗଦାନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ପି.କେ. ହୋତା ରିସୋର୍ସ ପରସନ୍ ଭାବେ ଯୋଗଦାନ କରି ବୁଣାକାରମାନଙ୍କର କାର୍ଯ୍ୟ କ୍ଷେତ୍ରରେ ଉନ୍ନତି ଆଣି କିଭଳି ଆର୍ଥିକ ଅଭିବୃଦ୍ଧି ହୋଇପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ । ବୁଣାକାର ସେବାକେନ୍ଦ୍ର, ଭୁବନେଶ୍ୱର ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ବିକାଶ କୁମାର ରିସୋର୍ସ ପରସନ୍ ଭାବେ ଯୋଗଦାନ କରି ହସ୍ତତନ୍ତ କ୍ଷେତ୍ରରେ ନିରନ୍ତର ବ୍ୟବସାୟ ନିମନ୍ତେ ପ୍ରଚଳିତ ଡିଜାଇନ୍ ଉନ୍ନତିକରଣ, ବୟନ ଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଦେବଜିତ୍ ନନ୍ଦି, ହସ୍ତତନ୍ତ କ୍ଷେତ୍ରରେ ଗୁଣବତ୍ତା ରଙ୍ଗର ପ୍ରଚଳନ ତଥା ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ ।




# ଭାରତ ସାଧୀନତା ସଂଗ୍ରାମକୁ ଅଗଷ୍ଟ କ୍ରାନ୍ତି ସଶକ୍ତ କରିଥିଲା-ମନ୍ତ୍ରୀ ଅଶ୍ୱିନୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଅଗଷ୍ଟ ବିପ୍ଳବ ଭାରତର ସାଧୀନତା ସଂଗ୍ରାମ ଇତିହାସରେ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନରେ କୋଟି କୋଟି ଦେଶବାସୀ କ୍ରାନ୍ତି ଆନ୍ଦୋଳନକୁ ସଶକ୍ତ କରିଥିଲେ । ଓଡ଼ିଶା ଇତିହାସରେ ଅଗଷ୍ଟ କ୍ରାନ୍ତିର ବିସ୍ତୃତ ଅଧ୍ୟାୟ ସ୍ମରଣୀୟ ହୋଇ ରହିବ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମତବ୍ୟକ୍ତ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାରରେ ଆୟୋଜିତ ଅଗଷ୍ଟ କ୍ରାନ୍ତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଉପରୋକ୍ତ ମର୍ମରେ ଜାତୀୟତାବାଦ ଓ ଦେଶପ୍ରୀତି ଅଗଷ୍ଟ କ୍ରାନ୍ତିର ମୂଳମନ୍ତ୍ର ଥିଲା ବୋଲି ଉଲ୍ଲେଖ କରିଛନ୍ତି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମରେ ପୌରହିତ୍ୟ କରି ସାଧୀନତା ପ୍ରାପ୍ତି ପରେ ମଧ ସାଧୀନତାର ମୂଲ୍ୟବୋଧ ବଞ୍ଚାଇ ରଖିବା ପାଇଁ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ସେ ପ୍ରତି ଘରେ ତ୍ରିରଙ୍ଗା ଓ ଆଜାଦି କା ଅମୃତ ମହୋତ୍ସବ ପାଳନ ପ୍ରସଙ୍ଗରେ ଉଲ୍ଲେଖ କରି ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ଏବଂ ମହାପୁରୁଷମାନଙ୍କୁ ସ୍ମରଣ କରିବା ଅଗଷ୍ଟ କ୍ରାନ୍ତି ଦିବସର ଉଦ୍ଦେଶ୍ୟ ବୋଲି କହିଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ.ଶେଖ୍ ସୋଲେମାନ୍ ଅଲ୍ଲୀ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ସୁବୋଧ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।




# ଖାଇବା ପରେ ପିଉଛନ୍ତି କି ଥଣ୍ଡାପାଣି, ରୋଗ ହେବ !

ଭୁବନେଶ୍ୱର(**ସଂପର୍କବାର୍ତ୍ତା**):- ଅନେକ ଲୋକଙ୍କ ଅଭ୍ୟାସ ଖାଦ୍ୟ ଖାଇବା ପରେ ଥଣ୍ଡା ପାଣି ପିଇବା ଆପାଣ ମଧ ଏଭଳି କରୁଛନ୍ତି କି ? ଏଭଳି ଅଭ୍ୟାସ ଥିଲେ ତୁରନ୍ତ ବଦଳାଇ ଦିଅନ୍ତୁ । ଆଜ୍ଞା ହଁ ଖାଦ୍ୟ ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବା ସହ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଜାଣନ୍ତୁ ଖାଦ୍ୟ ଖାଇବା ପରେ ତୁରନ୍ତ ଥଣ୍ଡା ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ସୃଷ୍ଟି ହୋଇଥାଏ ଅଧିକ ଥଣ୍ଡାପାଣି ପିଇବା ଦ୍ୱାରା ଅନ୍ତନଳୀ ଉପରେ କୁପ୍ରଭାବ ପକାଇଥାଏ । କୋଷ୍ଠକାଠିନ୍ୟ ସମସ୍ୟା ଲାଗି ରୁହୁଥିଲେ ଥଣ୍ଡା ପାଣି ପିଅନ୍ତୁ ନାହିଁ ।

ଖାଦ୍ୟ ଖାଇବା ପରେ ତୁରନ୍ତ ଥଣ୍ଡା ପାଣି ପାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ସୃଷ୍ଟି ହୋଇଥାଏ ।



ଅଧିକ ଥଣ୍ଡାପାଣି ଦ୍ୱାରା ଅନ୍ତନଳୀ ଉପରେ କୁପ୍ରଭାବ ପକାଇଥାଏ କୋଷ୍ଠକାଠିନ୍ୟ ସମସ୍ୟା ଲାଗି ରହୁଥିଲେ ଥଣ୍ଡାପାଣି ପିଅନ୍ତୁ ନାହିଁ । ପାଣି ଚା ପିଇବା ହୃଦୟ ଜନିତ ରୋଗ ସୃଷ୍ଟି ହେବାର ମୁଖ୍ୟକାରଣ । ଖାଦ୍ୟ ଖାଇବା ପରେ ତୁରନ୍ତ ଥଣ୍ଡା ପାଣି ପିଇବା ପାଣି ପିଇବା ଦ୍ୱାରା ଏହା ଖାଦ୍ୟ ସହ ମିଶି ଶରୀରରେ ଥିବା ଏସିଡିଟି ସମ୍ପର୍କରେ ଆସିବା ଦ୍ୱାରା ଫ୍ୟାଟ୍ ରେ ପରିବର୍ତ୍ତିତ ହୋଇଥାଏ । ଯାହା ମୋଟାପଣ ବୃଦ୍ଧି କରିଥାଏ । ଅନେକ ଗମ୍ଭୀର ରୋଗ ହେବାର କାରଣ ଖାଦ୍ୟ ଖାଇବା ପରେ ଥଣ୍ଡା ପାଣି ପିଇବା ଏପରି କରିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଥାଏ । ଫଳରେ ଆପଣ ସହଜରେ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି ଥଣ୍ଡା କାଶ ଜ୍ୱର ଲାଗି ରହିଥାଏ ଖାଦ୍ୟ ଖାଇବା ପରେ ତୁରନ୍ତ ଥଣ୍ଡାପାଣି ପିଇବା ଦ୍ୱାରା କାର୍ଯ୍ୟ କରିବାର ଇଚ୍ଛା ଶକ୍ତି ହ୍ରାସ ପାଇଥାଏ ଥକ୍କାପଣ ଅନୁଭବ ହୋଇଥାଏ । ପେଟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ ।

# କଟକ ପୌର ନିଗମର ଠିକାଦାର ପ୍ରୀତି !

**କଟକ(ତପନ ମହାନ୍ତି):-** ପୌରନିଗମ କର୍ତ୍ତୃପକ୍ଷଙ୍କ ଠିକାଦାର ପ୍ରୀତି ଏବେ ଚର୍ଚ୍ଚାର ବିଷୟ ହୋଇଛି । ଠିକାଦାରଙ୍କ ସୁରକ୍ଷା ପାଇଁ ନିଗମ କର୍ତ୍ତୃପକ୍ଷ ସବୁ ନିୟମକୁ ଜଳାଞ୍ଜଳି ଦେଇ ଦେଇଛନ୍ତି । ୱାର୍କଅର୍ଡର ପାଇ କାମ କରୁନଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ଗେହ୍ଲା ପୁଅ କରିଛନ୍ତି ନିଗମ କର୍ତ୍ତୃପକ୍ଷ । ୱାର୍କଅର୍ଡର ପାଇ କାମ କରୁନଥିବା ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାର ନିୟମ ଥିବା ବେଳେ ଏହାକୁ କିନ୍ତୁ କର୍ତ୍ତୃପକ୍ଷ ପାଳନ କରୁ ନଥିବାର ଅଭିଯୋଗ ହୋଇଛି । ୩ ମାସ ଓ ୬ ମାସର କାମକୁ ୨ ରୁ ୩ବର୍ଷରେ ଶେଷ କରି ପାରୁନଥିବା ଠିକାଦାର ଓ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ବଦଳରେ ସେମାନଙ୍କୁ ନୂଆ କାମ ଦେବା ପଛରେ କର୍ତ୍ତୃପକ୍ଷଙ୍କ କି ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ଏପେ ପ୍ରଶ୍ନ ଉଠୁଛି

ପୌର ନିଗମର ୫୯ଟି ୱାର୍ଡରେ ବିଭିନ୍ନ ଉନ୍ନତିମୂଳକ କାମ ପାଇଁ ନିଗମ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାରଙ୍କୁଚୟନ କରାଯାଏ । ୨ ଲକ୍ଷ ଟଙ୍କାରୁ ଅଧିକ ଠିକା କାମ ପାଇଁ ଇ-ଟେଣ୍ଡର କରାଯାଏ । ଏଥିରେ ଲୋଏଷ୍ଟ ବିଡର୍ ଠିକାଦାରଙ୍କୁ ଠିକା କାମ ପାଇଁ ଚୟନ କରାଯାଏ । ଠିକାଦାର ଏପିଏସ୍ ଅର୍ଥ ଦାଖଲ କରିବା ପରେ ନିଗମ ତରଫରୁ କାମ କରିବାକୁ ୱାର୍କଅର୍ଡର ଦିଆଯାଏ । ଅର୍ଡର ପେପରରେ ଠିକାଦାରଙ୍କ ନାମ, ତାଙ୍କ ଦ୍ୱାରା ହେବାକୁ ଥବବା କାମର ବିବରଣୀ, ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ହୋଇଥିବା ଟଙ୍କା ପରିମାଣ, କାମ ଶେଷ ହେବାର ସମୟସୀମା ଆଦି ଉଲ୍ଲେଖ ଥାଏ । ବିଶେଷଭାବେ ସମୟ ମଧ୍ୟରେ କାମ ଶେଷ କରିବାକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ । ମାତ୍ର ପୌର ନିଗମରୁ ୱାର୍କଅର୍ଡର ପାଇ ଅନେକ ଠିକାଦାର କାମ କରୁ ନାହାନ୍ତି । ଏପରିକି ପ୍ରକଳ୍ପର ସମୟସୀମା ଶେଷ ହୋଇଥିଲେ ବି କାମ ଆରମ୍ଭ କରୁ ନାହାନ୍ତି ଠିକାଦାର । ଏଭଳି ସ୍ଥିତିରେ ସେମାନଙ୍କ ନାମକୁ ନିଗମ ପକ୍ଷରୁ ୩ବର୍ଷ ପାଇଁ କଳାତାଲିକାଭୁକ୍ତ କରିବାର ନିୟ ଥିଲେ ବି ଠିକାଦାର ପ୍ରୀତି ପାଇଁ କର୍ତ୍ତୃପକ୍ଷ ତାହା କରୁ ନାହାନ୍ତି । ସେପଟେ କାମ ନ କରୁଥିବା ଠିକାଦାରଙ୍କୁ କଳାତାଲିକାଭୁକ୍ତ କରିବା ବଦଳରେ ତାଙ୍କ ଅନ୍ୟ କାମର ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇ ନୂଆ କାମ ଦେଉଥିବାର ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ନିଗମ ୪୯ ନମ୍ବର ୱାର୍ଡ ଜଗତପୁର ଗୋଲେଇ ଛକର ସୌନ୍ଦର୍ଯ୍ୟକରଣ ପାଇଁ ୫୦ ଲକ୍ଷ ଟଙ୍କାର ବଜେଟ କରାଯାଇ ୨୦୨୧ ନଭେମ୍ବରରେ ଟେଣ୍ଡର ହୋଇଥିଲା । କାମ ପାଇଁ ୨୦୨୨ ଜାନୁଆରିରେ ୱାର୍କଅର୍ଡର ବାହାରିବା ସହ ଜୁଲାଇ ୨୦୨୨ ସୁଦ୍ଧା କାମ ଶେଷ କରିବାକୁ କୁହାଯାଇଥିଲା । ହେଲେ କାମ ଶେଷ କରିବାର ସମୟସୀମା ପୂରି ଯାଇଥିଲେ ବି ଗୋଲେଇ ଛକରେ ଏବେ ସୁଦ୍ଧା କାମ ଆରମ୍ଭ ହୋଇ ପାରିଲା ନାହିଁ । ହେଲେ ସମୟରେ କାମ ଶେଷ କରି ନଥିବା ଉକ୍ତ ଠିକାଦାରଙ୍କୁ ଟାଉନ୍ ହଲ୍ ଉପରେ ଆର୍ଟ ଗ୍ୟାଲେରି ନିର୍ମାଣ କାମ ମିଳିଛି । ସେହିପରି ପୌର ନିଗମର ୩୪ ନମ୍ବର ୱାର୍ଡରେ ୬ ଶହ ମିଟର ଡ୍ରେନ କାମ ପାଇଁ ୬୫ ଲକ୍ଷ ଟଙ୍କାର ବଜେଟ କରାଯାଇ ୨୦୨୧ ଜାନୁଆରିରେ ଟେଣ୍ଡର କରାଯାଇଥିଲା । ଏଥିରେ ୪ ମାସରେ ଡ୍ରେନ୍ କାମ ଶେଷ କରିବାକୁ କୁହାଯାଇଥିଲା । ମାତ୍ର ଦେଢ ବର୍ଷ ମଧ୍ୟରେ ମାତ୍ର ୪ ଲହ ମିଟର କାମ ଶେଷ ହୋଇଛି । ଅନ୍ୟପଟେ ନିଗମର ନର୍ସରୀ କାମ ସିଡିଏ ସେକ୍ଟର ୯ରେ ଥିବା ଆମ୍ବ ତୋଟାରେ ହେବାକୁଥିବା ବେଳେ ଏହାର କାମ ଏବେ ସୁଦ୍ଧା ହୋଇ ପାରିଲା ନାହିଁ । ଏଠାରେ ୬ ମାସରେ କାମ ଶେଷ କରିବାକୁ ଯୋଜନ କରାଯାଇ ୨୦୧୧ ମାର୍ଚ୍ଚରେ ଟେଣ୍ଡର କରାଯିବା ସହ ସେହିବର୍ଷ ଏପ୍ରିଲରେ କାମ ଆରମ୍ଭ ହୋଇଥିଲା। ହେଲେ ଏବେ ସୁଦ୍ଧା ଏଠାରେ ୩୦ ପ୍ରତିଶତ କାମ ବାକି ରହିଛି । ଏପରି ୫୦ରୁ ଅଧିକ କାମ ୱାର୍କଅର୍ଡରରେ ଥବାବ ସମୟସୀମା ମଧ୍ୟରେ ଶେଷ ହୋଇନାହିଁ। ସେହିପରି ନିଗମର ୩୦ରୁ ଅଧିକ ପ୍ରକଳ୍ପ ଦୀର୍ଘଦିନ ଧରି ଆରମ୍ଭ ନହୋଇ ପଡିରହିଛି । ୱାର୍କଅର୍ଡର ପାଇ ସମୟସୀମା ମଧ୍ୟରେ କାମ ଆରମ୍ଭ କରୁ ନଥିବା ଓ କାମ ଶେଷ କରୁ ନଥିବା ଠିକାଦାରଙ୍କୁ କିନ୍ତୁ ପୌର ନିଗମ କର୍ତ୍ତୃପକ୍ଷ କଳା ତାଲିକାଭୁକ୍ତ କରୁ ନାହାନ୍ତି, ଅନ୍ୟପଟେ ସେମାନଙ୍କୁ ନୂଆ କାମର ସୁଯୋଗ ବି ମିଳି ଯାଉଛି । ଏ ସଂପର୍କରେ ମେୟର ସୁବାସ ସିଂହ କହିଛନ୍ତି ଯେ ଏ ସଂପର୍କରେ ଅଭିଯୋଗ ମିଳିଛି । ଏ ସଂପର୍କିତ ଫାଇଲ୍ ବି ମଗାଇଛି । ଟିଏ ଏଭଳି କରିଥିବେ, ସେମାନଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସିଂହ କହିଛନ୍ତି ।

# ୧୦୦ ଫୁଟର ପତାକା ସ୍ତମ୍ଭ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଦେଶବ୍ୟାପି ସାଧୀନତାର ୭୫ ବର୍ଷ ପୂର୍ତ୍ତି ଏବଂ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଅରଣ୍ୟ ଭବନ ପରିସରରେ ଗତ ୧୨ ତାରିଖ ପୂର୍ବାହ୍ନରେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ପତାକା ସ୍ତମ୍ଭ ସ୍ଥାପନ ସହିତ ୩୬ X ୨୪ଫୁଟ ଆକାରର ବିଶାଳ ଜାତୀୟ ପତାକା ଉତ୍ତୋଳନ କରାଯାଇଛି । ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଏହି ବିଶାଳ ଜାତୀୟ ତପାକାକୁ ଉତ୍ତୋଳନ କରିବା ସହିତ ସାହସ ଓ ବୀରତ୍ୱ, ସୁଖ ଓ ଶାନ୍ତି, ତ୍ୟାଗ ଓ ଓ ବିଶ୍ୱାସର ପ୍ରତୀକ ଆମର ଜାତୀୟ ପତାକା ତ୍ରିରଙ୍ଗା ଭିନ୍ନତା ମଧ୍ୟରେ ଏକତାକୁ ଦୃଢୀଭୂତ କରିପାରିଛି ବୋଲି ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ବନ ବିଭାଗର ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଶିଶିର କୁମାର ରଥ, କେନ୍ଦୁପତ୍ର ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶିଳ କୁମାର ପପୁଲିଙ୍କ ସହିତ ବନ ବିଭାଗର ବିଭିନ୍ନ ଅଧିକାରୀ ଓ ସଚେତନ ନାଗରିକ ଯୋଗଦେଇଥିଲେ ।



ଏହି ଉତ୍ସବରେ ସମାନ୍ନିତ ଅତିଥି ଜୈବବିବିଧତା ବୋର୍ଡର ଅଧକ୍ଷ ରାଜୀବ କୁମାର ଓ ଘାଟିକିଆ ସ୍ଥିତ ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷାନବିସମାନେ ସାମୁହିକ ସାଲ୍ୟୁଟ ଦେବା ସହିତ ଜାତୀୟ ସଂଗୀତ ଗାନ କରିଥିଲେ ।

ଏହି ବିଶାଳ ରାଷ୍ଟ୍ରୀୟ ଧ୍ୱଜାଟି ବର୍ଷସାରା ଦିବାରାତ୍ରି ମୁଖ୍ୟ ଦପ୍ତର ପରିସରରେ ସ୍ଥାୟୀ ଭାବେ ଉଡିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ରସୁଲଗଡ ଆଶ୍ରମ ବିଦ୍ୟାଳୟ ମନ୍ତ୍ରୀ ଓ ବିଧାୟକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମାନ୍ୟବର ମନ୍ତ୍ରୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, କଲ୍ୟାଣ, ପଛୁଆ ବର୍ଗ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ମାନ୍ୟବର ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ମାନ୍ୟବର ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ସ୍ଥାନୀୟ ଭୁବନେଶ୍ୱର ସ୍ଥିତ ରସୁଲଗଡ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଥିବା ଛାତ୍ରୀଙ୍କ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ । କୁନି କୁନି ଝିଅମାନେ ମାନ୍ୟବର ମନ୍ତ୍ରୀ ତଥା ବିଧାୟକମାନଙ୍କ ହସ୍ତରେ ରାକ୍ଷୀ ବାନ୍ଧିଥିଲେ । ଅନ୍ୟମାନଙ୍କ ସହ ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ରକ୍ଷା ବନ୍ଧନ ଦିବସରେ ମାନ୍ୟବର ମନ୍ତ୍ରୀ ଓ ବିଧାୟକ ସାଙ୍ଗରେ ପାଇ ଆଶ୍ରମ ବିଦ୍ୟାଳୟରେ କୁନି କୁନି ଛାତ୍ରୀମାନେ



ଆନନ୍ଦ ପ୍ରକାଶ କରିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଓ ବିଧାୟକମାନେ ପିଲାମାନଙ୍କ ପାଠପଢା ଓ ସେମାନଙ୍କର ଆବାସିକ ରହଣି ସଂପର୍କରେ ପାଚାରି ବୁଝିଥିଲେ ।

# କାଦମ୍ବିନୀ ପତ୍ରିକାର 'ଆଜାଦି କା ଅମୃତ ମହୋତ୍ସବ'

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କାଦମ୍ବିନୀ ପତ୍ରିକାରେ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁଙ୍କ ସମ୍ପର୍କରେ ଲେଖା ପ୍ରକାଶ ପାଇଁ ଚିନ୍ତାଧାରା ପତ୍ରିକା ସଂପାଦିକାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ଏହି ପତ୍ରିକାରେ ଜାତିପ୍ରେମର ବହ୍ନି ପ୍ରଜ୍ୱଳିତ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି । ଅଗଷ୍ଟ ୯ ଭାରତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଜାତିର ଜନକ ମହାତ୍ମାଗାନ୍ଧିଙ୍କ ନେତୃତ୍ୱ, ଓଡ଼ିଶାରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପରି ସଂଗ୍ରାମୀଙ୍କ ବିରତ୍ୱକୁ ଆଜିର ଦିନରେ ମନେ ପକାଇବା ଗୁରୁତ୍ୱ ବହନ କରୁଛି । ଦେଶର ସାଧୀନତା ପାଇଁ ଯେଉଁମାନେ କାର୍ଯ୍ୟ କରିଛନ୍ତି, ସେମାନେ ସମ୍ମାନିତ ହେଲେ ଦେଶର ବିକାଶ ସମ୍ଭବ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନରେ ସାବରମତୀ ଆଶ୍ରମର ଶତବାର୍ଷିକୀ, ଚମ୍ପାରଣ କୃଷକ ଆନ୍ଦୋଳନର ଶତବାର୍ଷିକୀ, ପାଇକ ବିଦ୍ରୋହର ୨ ଶତ ବାର୍ଷିକୀକୁ ଗୁରୁତ୍ୱ ଦିଆଯାଇ ଏହାର ପାଳନ କରାଯାଇଥିବା ଅତ୍ୟନ୍ତ ଗୌରବର କଥା ବୋଲି ଆଜି ସାଧୀନତାର ୭୫ ବର୍ଷ ଅବସରରେ ଓଡ଼ିଶାର ମାସିକ ପାରିପାରିକ ପତ୍ରିକା କାଦମ୍ବିନୀ ପକ୍ଷରୁ ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସ୍ଥାନୀୟ କିଟ୍ ପ୍ରେକ୍ଷାଳୟ, କ୍ୟାମ୍ପସ୍-୬ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆନ୍ଧ୍ରପ୍ରଦେଶର ମହାମହିମ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା କାଦମ୍ବିନୀ ପତ୍ରିକାର ଉଦ୍ଦେଶ୍ୟ ବୋଲି ଡ. ସାମନ୍ତ ପ୍ରକାଶ କରିଥିଲେ । ନିୟମିତ ପାଠକ ପାଠିକା ଭାବେ ନିରୁପମା ଆଚାର୍ଯ୍ୟ, ଅରୁଣ ଖିଲାର, ତପସ୍ୱିନୀ ନାୟକ ଓ କଲ୍ୟାଣୀ ବକ୍ସିଙ୍କୁ କାଦମ୍ବିନୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ବୟନିକାର ଫେସନ୍ ସୋ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସାରା ରାଜ୍ୟରେ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ଅଗଷ୍ଟ ୭ରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯାଉଛି । ଆମର ବହୁ ପୁରାତନ ଓ ମହାର୍ଘ୍ୟ ହସ୍ତଦନ୍ତ ପରମ୍ପରା ଓ ସଂସ୍କୃତିକୁ ସମ୍ମାନ ଜଣାଇବା, ରାଜ୍ୟର ମହାନ ହସ୍ତତନ୍ତ କାରିଗରମାନଙ୍କୁ ସହାୟତାର ହସ୍ତ ପ୍ରସାରଣ କରିବା ସହିତ ସେମାନଙ୍କର ଦକ୍ଷତା ଓ ସୃଜନଶକ୍ତି ପିଢି ପରେ ପିଢି ଏହି ଅଦ୍ୱିତୀୟ ବୃତ୍ତି ଓ ଜୀବିକାକୁ ବଞ୍ଚାଇବା ସହ ଉତ୍କର୍ଷର ଶିଖରରେ ପହଞ୍ଚାଇଛନ୍ତି । ଆମ ରାଜ୍ୟର ହସ୍ତନ୍ତ ଉତ୍ପାଦ ରାଜ୍ୟର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ପ୍ରତୀକ । ଏଗୁଡିକ ଲକ୍ଷାଧିକ ହସ୍ତତନ୍ତ କାରିଗରମାନଙ୍କ ଜୀବନଜୀବିକାର ପ୍ରମୁଖ ଉତ୍ସ । ହସ୍ତତନ୍ତ ଶିଳ୍ପର ଗୁରୁତ୍ୱ ଉପରେ ଜନସଚେତନତା ସୃଷ୍ଟି କରିବା ଏବଂ ଦେଶର ସାମାଜିକ, ଅର୍ଥନୈତିକ ଅବିବୃଦ୍ଧିରେ ଏହାର ଅବଦାନକୁ ସୀକୃତି ଦେବା ଜାତୀୟ ହସ୍ତନ୍ତ ଦିବସର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ।




ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେସନ୍ ଟେକ୍‌ନୋଲୋଜିର ନିର୍ଦ୍ଦେଶକ ଶୋଭନ୍ କ୍ରିଷ୍ଣା ସାହୁ, ସୋନପୁର କଲେକ୍ଟର ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅବୋଲି ସୁନୀଲ ନରୱେଣ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ଡେପୁଟି ଡାଇରେକ୍ଟର, ଇଣ୍ଟେଲିଜେନ୍ସ କୁନାଲ କୁମାର, ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମୋହନା ବ୍ଲକ୍‌ରେ ଆଧାରକାର୍ଡଗୁଡିକୁ ପୋତିଥିଲେ ପୋଷ୍ଟମାଷ୍ଟର

**ମୋହନା(ସଂପର୍କବାର୍ତ୍ତା):-** ଲୋକଙ୍କ ନାଁରେ ପୋଷ୍ଟ ଅଫିସକୁ ଆସିଥିଲା ଆଧାର କାର୍ଡ ହେଲେ ପୋଷ୍ଟମାଷ୍ଟର ଆଧାର କାର୍ଡକୁ ଲୋକଙ୍କ ପାଖରେ ନ ପହଞ୍ଚାଇ ତାକୁ ଅଳିଆ ଗଦାକୁ ଫୋପାଡି ଦେବା ସହ କିଛି ଆଧାର କାର୍ଡରୁ ମାଟି ତଳେ ପୋତି ଦେଇଛନ୍ତି । ଏଭଳି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଜିରାଙ୍ଗ ପଞ୍ଚାୟତ ଡରାବ ଗାଁରୁ ଅଭିଯୋଗ ଅନୁସାରେ ଡରାବ ଗାଁରେ ସମେତ ୬ଖଣ୍ଡ ଗାଁର ଲୋକେ ନିର୍ଭରଶୀଳ । ଏହି ୬ଖଣ୍ଡ ଗାଁର କିଛି ଲୋକ ଆଧାର କାର୍ଡ ପାଇଁ ଜନସେବା କେନ୍ଦ୍ରକୁ ଯାଇ ଆବେଦନ କରିଥିଲେ । ସେମାନଙ୍କ ଆଧାର କାର୍ଡ ପୋଷ୍ଟ ଅଫିସକୁ ଆସିଥିଲା ହେଲେ ପୋଷ୍ଟ ମାଷ୍ଟର ପର୍ଶୁଧମ ସେହି ସବୁ ଆଧାର କାର୍ଡ ଲୋକଙ୍କୁ ଦେଇ ନଥିଲେ । ଏହାକୁ ମାଟିତଳେ ପୋତି ଦେବା ସହ ବହୁ ଜଣଙ୍କ ଆଧାର କାର୍ଡକୁ ଅଳିଆ ଗଦାରେ ଫିଙ୍ଗି ଦେଇଥିଲେ । ଅଳିଆ ଗଦାରେ କିଛି ଆଧାର କାର୍ଡ ମାଟିତଳୁ ବାହାରିଥିଲା ଏହା ସହ ଅଳିଆ ଗଦାରୁ ମଧ୍ୟ କିଛି



ଆଧାର କାର୍ଡ ବାହାରିଥିଲା ବର୍ଷ ବର୍ଷ ଧରି ଲୋକଙ୍କ ନାମରେ ଆସୁଥିବା ଆଧାର କାର୍ଡ ପୋଷ୍ଟ ଅଫିସକୁ ଆସୁଥିଲେ ମଧ୍ୟ ଲୋକଙ୍କୁ ନ ଦେଇ ପୋଷ୍ଟ ମାଷ୍ଟର ଏଭଳି ନଷ୍ଟ କରି ଦେଉଛନ୍ତି । ଗାଁ ବହୁ ହିତାଧିକାରୀଙ୍କ ପାଖରେ ଆଧାର କର୍ଡ ନ ଥିବାରୁ ଭତ୍ତା ଓ ଚାଉଳ ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପୋଷ୍ଟମାଷ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ସମ୍ପୃକ୍ତ ପୋଷ୍ଟ ମାଷ୍ଟରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ହେମଗିରି ସବ୍ ପୋଷ୍ଟର ମାଷ୍ଟର ମୀନକେତନ ଶବର କହିଛନ୍ତି, ପୋଷ୍ଟ ମାଷ୍ଟର ପର୍ଶୁଧମ ରଣ ସିଂ ଏପରି କରିବା କଥା ନୁହେଁ । ଗ୍ରାମବାସୀ ଏନେଇ କୌଣସି ଅଭିଯୋଗ ନାହାନ୍ତି । ଯଦି ଗ୍ରାମବାସୀ ଆମ ପାଖରେ ପୂର୍ବରୁ କୌଣସି ଅଭିଯୋଗ ପର୍ଶୁଧରଙ୍କ ନାଁରେ କରିଥାନ୍ତେ , ତାହା ହେଲେ ଆମେ ତାଙ୍କ ବିରୋଧରେ କିଛି ପଦକ୍ଷେପ ନେଇଥାନ୍ତୁ । ମୁଁ ଏନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବି ।

# 'ସତରଞ୍ଜ:ବୁଦ୍ଧିର ବିକାଶ' ଉନ୍ମୋଚିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମାନ୍ୟବର ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ଚେସ ପୁସ୍ତକ 'ସତରଞ୍ଜ:ବୁଦ୍ଧିର ବିକାଶ' ଉନ୍ମୋଚିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ବିଶିକେଶନ ଦେହୁରୀଙ୍କ ଦ୍ୱାରା ରଚିତ ଏହି ପୁସ୍ତକକୁ ମନ୍ତ୍ରୀ ଶ୍ରୀ ବେହେରା ଉନ୍ମୋଚନ କରି କହିଲେ ଯେ ବର୍ତ୍ତମାନ ବିଭିନ୍ନ ଖେଳ ସହିତ ଚେସ ଖେଳ ପ୍ରତି ଯୁବବର୍ଗଙ୍କ ଆଗ୍ରହ ବୃଦ୍ଧି ପାଇଛି । ଏହି ଦୃଷ୍ଟିରୁ ଚେସ ଖେଳ ପ୍ରତି ରୁଚି ରଖୁଥିବା ଛାତ୍ରଛାତ୍ରୀ ତଥା ସବୁ ବର୍ଗର ଲୋକଙ୍କ ପାଇଁ ଏହି ପୁସ୍ତକ ବେଶ ଉପାଦେୟ ସାବ୍ୟସ୍ତ ହେବ ।




ସେହିପରି ଲେଖକ ବିଶିକେଶନ ଦେହୁରୀ କହିଲେ ଯେ ଛାତ୍ର ଅବସ୍ଥାରୁ ସତରଞ୍ଜ ଖେଳ ଅଭ୍ୟାସ ମାନସିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଫଳରେ ଏହା ସେମାନଙ୍କ ପାଠପଢାରେ ଉନ୍ନତି ଆଣିଥାଏ ଏବଂ ଭଲ ପ୍ରଦର୍ଶନ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏକ ପ୍ରକାର କହିବାକୁ ଗଲେ ଚେସ ଖେଳ ସମସ୍ତଙ୍କ ନିମନ୍ତେ ଏକ ଉତ୍ତମ ମଣିଷ ହେବାର ପଥ ପରିଷ୍କାର କରେ ।

ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ୱେୟାର ହାଉସିଂର ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, କ୍ରୀଡା ବିଭାଗ ଯୁଗ୍ମ ଶାସନ ସଚିବ ତଥା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କୈଳାସ ଚନ୍ଦ୍ର ଦାସ, 'ପକ୍ଷୀଘର' ପ୍ରକାଶନୀର ପ୍ରକାଶକ ବନୋଜ ତ୍ରିପାଠୀ ଏବଂ ବରିଷ୍ଠ ସାମ୍ବାଦିକ ଅମିତାଭ ସାହୁ ଯୋଗଦେଇ ଚେସ ଖେଳ ଓ ଏହି ପୁସ୍ତକର ଉପାଦେୟତା ସମ୍ପର୍କରେ ନିଜର ମତ ରଖିଥିଲେ ।

# ଖପୁରିଆ ଶିଳ୍ପାଞ୍ଚଳ : ନର୍ଦ୍ଦମା ପାଣିରେ ଉବୁଟୁବୁ !

**କଟକ(ତପନ ମହାନ୍ତି):-** ପାନୀୟଜଳ ଯୋଗାଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ରୂପାନ୍ତରୀକରଣ କାର୍ଯ୍ୟ ସହରଗୋଟାକରେ ବର୍ଷବ୍ୟାପୀ ଚାଲିଥିବା ବେଳେ ନଗରବାସୀଙ୍କୁ ଶୁଦ୍ଧଜଳ ମିଳିବା ଏବେ ବି ଅନିଶ୍ଚିତତା ମଧ୍ୟରେ ରହିଛି, ଲୋକେ କେତେଦୂର ବିଶୁଦ୍ଧ ପିଇବା ପାଣି ପାଉଛନ୍ତି, ତାହାର ଦୃଷ୍ଟାନ୍ତ ବାଢୁଛି ଖପୁରିଆ ଶିଳ୍ପାଞ୍ଚଳ । ବର୍ଷବର୍ଷ ଦରି ଆଦୌ ସଫା ହେଉନଥିବା ନଳା ଭିତରେ ପାଣିପାଇପ୍ ଓ ବିଶେଷକରି ଏୟାରଭାଲ୍‌ଭ ପଚାପାଣିରେ ବୁଡି ରହିବା ଉଦ୍‌ବେଗର କାରଣ ହୋଇଛି । ଶହଶହ ମିଟର ପର୍ଯ୍ୟନ୍ତ ଖପୁରିଆ ଶିଳ୍ପାଞ୍ଚଳର ବିଭିନ୍ନ ସ୍ଥାନରେ ନଳା ଭିତରେ ଏହା ଦେଖିବାକୁ ମିଳୁଛି । ସରକାରୀ କାର୍ଯ୍ୟାଳୟରୁ ଆରମ୍ଭ କରି ଘରୋଇ ଶିଳ୍ପସଂସ୍ଥା ସମ୍ମୁଖରେ ଯାଇଥିବା ଆବର୍ଜନାଭର୍ତ୍ତି ନଳାରେ ମଧ୍ୟ ଏହି ସ୍ଥିତି ପରିଲକ୍ଷିତ ହେଉଛି । ସମଗ୍ର ଶିଳ୍ପାଞ୍ଚଳରେ ନଳାସବୁ ଆବର୍ଜନା ଓ ବଣୁଆଗଛ ଲତାରେ ଭରି ରହିଛି, ଏଠି ସଫେଇ ବୁଲ୍‌କଟିଂ ଆଦୌ ହୁଏନାହିଁ । ଲୋକଙ୍କୁ ପ୍ରଦୂଷିତ ପିଇବାପାଣି ମିଳୁଥିଲା ବେଳେ ମଶାବଂଶ ବୃଦ୍ଧି ସାଂଗକୁ ଅସ୍ୱାସ୍ଥ୍ୟକର ପରିବେଶ ଚିନ୍ତାର କାରଣ ହୋଇଛି ।

ନଳାପାଣିରେ ଏୟାରଭାଲଭ୍ ବୁଡି ରହିବା ଅଧିକ ଭୟଙ୍କର । ଏୟାରଭାଲଭ୍‌ଗୁଡିକର ଅବସ୍ଥିତି ଏଭଳି ସ୍ଥାନରେ ରହିଛି ଯେ ସାମାନ୍ୟ ବର୍ଷାରେ ଘଣ୍ଟା ଘଣ୍ଟା ଧରି ବର୍ଜ୍ୟ ଓ ବର୍ଷାଜଳ ତଳେ ବୁଡିରହିବା ନିୟମିତ ଘଟଣାରେ ପରିଣତ ହୋଇସାରିଛି । ମାଟି ତଳେ ପାରିପାଇପ୍ ବିଛା ହୋଇଛି ଏବଂ ତାହାରି ମାଧ୍ୟମରେ ଘରକୁ ଘର ତଥା ବିନ୍ନ ଅଂଚଳରେ ରହିଥିବା ଷ୍ଟାଣ୍ଡପୋଷ୍ଟ ବା ସର୍ବସାଧାରଣ ପାଣିକଳକୁ ପାନୀୟଜଳ ଆସୁଛି; କିନ୍ତୁ ମାଟିତଳ ପାରିପାଇପ୍‌ରେ ରହିଯାଉଥିବା ପବନର ନିଷ୍କାସନ ନିମନ୍ତେ ଏୟାରଭାଲଭ୍ ସଂଯୁକ୍ତ ହୋଇ, ଯାହା ଭୂମି ଉପରକୁ ମୁଣ୍ଡ ଟେକିଛି, ତାହା ହିଁ ଏବେ ଜଳବାହିତ ରୋଗର ପ୍ରମୁଖ ପାରଣ ସାଜିଛି ଓ ଏହା ଅତି ସାଂଘାତିକ । କଟକ ସହରରେ ଯେବେ କାମଳ ମହାମାରୀ ସଂକ୍ରମଣର ରୂପ ନିଏ,ସେ ମସୟରେ ଅତି ତତ୍ପରତାର ସହ ନଳା ଉପରେ ଯାଇଥିବା (ଘର ଭିତରକୁ) ପାଣିପାଇପ୍‌ର ସଂଯୋଗ ଅଂଶକୁ ଟେକି ଦିଆଯାଏ । ତମାମ ସହରରେ ଏ ପ୍ରକ୍ରିୟା କିଛିଦିନ ଧରି ଯୁଦ୍ଧକାଳୀନ ଭିତ୍ତିରେ ଚାଲେ ଓ ପରବର୍ତ୍ତୀକାଳରେ ସେ ତତ୍ପରତାର ତ ଚିହ୍ନବର୍ଣ୍ଣ ରହେନାହିଁ । ଏବେ ସହରର ବିଭିନ୍ନ ଅଂଚଳରେ ଏୟାରଭାଲଭ୍‌ଗୁଡିକର ଅବସ୍ଥିତି ଠିକ୍ ନଳାମୁହଁରେ ଦେଖିବାକୁ ମିଳୁଛି । ଏବେ ନିକଟରେ ଯାଇଥିବା ଲଗାଣବର୍ଷାରେ ସହରର ରାସ୍ତାଘାଟ ସାଙ୍ଗକୁ ନର୍ଦ୍ଦମାପାଣି ତଳେ ଏହି ଏୟାରଭାଲଭ ସବୁ ବୁଡି ରହିଥିଲେ । ସେହି ବାଟରେ ପାନୀୟଜଳ ସହ ନଳପାଣି ଏକାକାର ହେଲଣ ଏବଂ ଲୋକେ ତାହା ତିନି/ଚାରିଦିନ ପିଇଚାଲିଲେ । ଖପୁରିଆ ଶିଳ୍ପାଞ୍ଚଳ କେବଳ ଦୃଷ୍ଟାନ୍ତମାତ୍ର ବିଭିନ୍ନ ସାହୀବସ୍ତିରେ ଏ ଧାରା ଅବ୍ୟାହତ ରହିଛି ଏବଂ ବର୍ଷାଜଳ ଆହୁ ଦୁଇମାସ ବାକି ଅଛି ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮

| ADVERTISEMENT TARIFF | | |
|---|---|---|
| | Colour | B & W |
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.6 Issue-10 August 15 to 21, 2022, Jagatsinghpur Page-8 Rs. 5/- ବର୍ଷ- ୬ ସଂଖ୍ୟା-୧୦ ଅଗଷ୍ଟ ୧୫ ରୁ ୨୧, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ବିଧାୟକ ମୋକିମ୍‌ଙ୍କ କ୍ୟାମ୍ପସ୍ ଛିନ୍‌ଛତ୍ର

**କଟକ(ତପନ ମହାନ୍ତି):-** କିଛି ନା କିଛି କାର୍ଯ୍ୟାନୁଷ୍ଠାନ ହେବ ବୋଲି ବାସ୍ନା ଆସୁଥିଲା । ହେଲେ ଏତେ ଶକ୍ତ ଧରଣର ହେବ ବୋଲି କେହି ଅନୁମାନ କରିନଥିଲେ । ପିସିସି କିନ୍ତୁ କଠୋର କାର୍ଯ୍ୟାନୁଷ୍ଠାନକୁ ଓହ୍ଲାଇଛି ଓ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କ ପକ୍ଷଛେଦନ ଆରମ୍ଭ କରିଛି । ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ବିଧାୟକ ଇଂ. ମୋକିମଙ୍କ ଅନୁଗତ ଶିବିରକୁ ରାଜ୍ୟ କଂଗ୍ରେସ ନେତୃତ୍ୱ ଆଜି ଭାଙ୍ଗି ଛିନ୍‌ଛତ୍ର କରିଦେବାକୁ ପ୍ରୟାସ କରିଛି । ମୋକିମ୍‌ଙ୍କୁ ଚେକ୍ ଦେବାକୁ ଯାଇ ପିସିସି ପକ୍ଷରୁ ଆଜି କଟକ ନଗର କଂଗ୍ରେସ କମିଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି ।

ଖାଲି ସେତିକି ନୁହେଁ, ମୋକିମ୍‌ଙ୍କ ଅନୁଗତ ଓ ମନୋନୀତ ଗିରିବାଳା ବେହେରାଙ୍କୁ ନିହାତି ଅପମାନଜନକ ଭାବେ ଅଚାନକ ବିଦା କରି ତାଙ୍କ ବିରୋଧୀ କୁହାଯାଥିବା ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ରଙ୍କୁ ପୁଣି ନଗର କଂଗ୍ରେସ କମିଟିର ସଭାପତି ଭାବେ ଦାୟିତ୍ୱ ଦେଇଛି । ଦୀର୍ଘ ଦିନ କଟକ ନଗର କଂଗ୍ରେସ କମିଟି ସଭାପତି ରହିସାରିଥିବା ସୁରେଶ ଏବେ ପୁଣି ଏକ ଦୀର୍ଘ ବ୍ୟବଧାନ ପରେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିବେ । ସେହିପରି ନଗର କଂଗେସ କମିଟି ଅଧିନରେ ଥିବା ମହିଳା କଂଗ୍ରେସ କମିଟି, ଯୁବ କଂଗ୍ରେସ କମିଟି, ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ଓ କଟକ ଲୋକସଭା ଯୁବ କଂଗ୍ରେସ କମିଟି ଭଳି ସମସ୍ତ କମିଟିକୁ ସଂପୂର୍ଣ୍ଣ ଭାଙ୍ଗି ଦିଆଯାଇଛି । ଏହି ଘଟଣା ଆଜି କଟକ ସହରର କଂଗ୍ରେସ ରାଜନୀତିରେ ଏକପ୍ରକାର ହଟଚମଟ ସୃଷ୍ଟି କରିଛି । ମୋକିମ୍ ଓ ପିସିସି ନେତୃତ୍ୱ ଭିତରେ ଚାଲିଥିବା ଏ ପତିଆର ଲଢେିରେ କଟକ ସହର କଂଗ୍ରେସ ସଂଗଠନର ବଡଧରଣର କ୍ଷତି ଦେବାକୁ ଯାଉଥିବା ଜଳଜଳ ଦିଶୁଛି ।

ଏଇ ବିବାଦର ପରିଣତି ସ୍ୱରୂପ ହିଁ କିଛି ଦିନ ତଳେ ମୋକିମ୍‌ଙ୍କ ଶିବିରର ବୋଲି କୁହାଯାଉଥିବା କଟକର ବରିଷ୍ଠ କଂଗ୍ରେସ ନେତା ଅଶୋକ ସାମଲ, ନିକୁଞ୍ଜ ପଶାୟତ ଓ ବିଶ୍ୱଜିତ୍ ଦାସ ଦଳରୁ ଇସ୍ତଫା ଦେଇଥିଲେ । ଆଜି ନଗର କଂଗ୍ରେସର କିଛି ଛାମୁଆ ସଂଗଠନର ମୁଖିଆମାନେ ପିସିସି ଅଫିସ ଯାଇ ପଦତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଶୁଣିବାକୁ ମିଳିଛି । ଏପରିକି ଶତାଧିକ କର୍ମୀ ଭୁବନେଶ୍ୱର ଅଭିମୁଖେ ବାହାରି ଯାଇଥିଲେ ବୋଲି ଜଣାପଡିଛି । ଆଜି ସକାଳୁ କଟକ ଲୋକସଭା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ମଧ ନିଜ ପଦରୁ ଇସ୍ତଫା ଦେଇସାରିଥିବା ଖବର ମିଳିଥିଲା । ସେହିପରି ଅବିଭକ୍ତ କଟକ ସମେତ ଉପକୂଳବର୍ତ୍ତୀ କେତେକ ଜିଲ୍ଲାର ବହୁ ବରିଷ୍ଠ ଓ ଯୁବ ନେତା ମଧ ଆଜି ନିଜ ଇସ୍ତଫା ପିସିସିକୁ ପଠାଇଥିବା ଖବର ଉଡିଥିଲା । ଏଭଳି ସ୍ଥିତିରେ, କଟକରୁ କିଛି ଯୁବ ନେତା ଇସ୍ତଫା ଦେବାକୁ ଆସୁଥିବା ବିଷୟରେ ସୂଚନା ପାଇବା ପରେ ତରବରିଆ ଭାବେ ପିସିସି ଅଫିସରୁ ବିଭିନ୍ନ କମିଟିକୁ ଭାଙ୍ଗିବା ଓ ନଗର କଂଗ୍ରେସ ସଭାପତି ବଦଳିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯାହା ପରୋକ୍ଷରେ ମୋକିମ୍‌ଙ୍କ ପକ୍ଷଛେଦନ ବୋଲି ଚର୍ଚ୍ଚା ହେଉଛି । ତେବେ ଏ ସଂପର୍କରେ ମୋକିମ୍‌ଙ୍କ ଶିବିର ବା ଇସ୍ତଫା ଦେବାକୁ ଥିବା ଯୁବ ନେତାମାନଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି ସୂଚନା ଏଯାବତ୍ ଦିଆଯାଇ ନାହିଁ । ପିସିସି କାର୍ଯ୍ୟାନୁଷ୍ଠାନର କେଉଁଭଳି ଭାବେ ପାଲଟା ଜବାବ ଦିଆଯିବ ସେନେଇ ମୋକିମ୍‌ଙ୍କ ଅନୁଗତ ଶିବିର ବିଚାର ଚଳାଇଥିବା ଅନୁମାନ କରାଯାଉଛି ।ଅନ୍ୟପଟେ, ଦୀର୍ଘ ୧୨ ବର୍ଷ ପରେ ସୁରେଶ ମହାପାତ୍ର ନଗର କଂଗ୍ରେସର ପୁନର୍ବାର ମଙ୍ଗୁଆଳ ଭାବେ ଦାୟିତ୍ୱ ନେଉଛନ୍ତି । ସେ ପୂର୍ବରୁ ୨୦୦୦ ମସିହାରୁ ୨୦୧୧ ପର୍ଯ୍ୟନ୍ତ ନଗର ସଭାପତି ଦାୟିତ୍ୱ ତୁଲାଇଥିଲେ । ୨୦୧୧ରେ ସୁରେଶଙ୍କ ହାତରୁ ଦଳ ନଗର ସଭାପତି ଦାୟିତ୍ୱ କାଢି ମୋକିମ୍‌ଙ୍କୁ ସଭାପତି କରିଥିଲା । ସେବେଠାରୁ ମୋକିମ୍-ସୁରେଶଙ୍କ ମଧ୍ୟରେ ସମାନ୍ତରାଳ ଦୁଇ ବିରୋଧୀ ଶିବିର ଭଳି ସମ୍ପର୍କ ରହିଆସିଛି । କହିବାକୁ ଗଲେ ମୋକିମ୍ ଦାୟିତ୍ୱ ନେବା ପରେ ସୁରେଶ ଏକପ୍ରକାର ସଂକୁଚିତ ହୋଇଯାଇଥିଲେ । ସୁରେଶଙ୍କ ହାତରୁ ସମସ୍ତ କ୍ଷମତା କାଢିବା ସହ ମୋକିମ୍ ନଗର କଂଗ୍ରେସ ଅଫିସକୁ ମଧ କଲେଜଛକରୁ ପୁରୀଘାଟକୁ ସ୍ଥାନାନ୍ତର କରିଥିଲେ । ରହାକୁ ନେଇ ଦୁଇ ଶିବିର ମଧରେ ତିକ୍ତତା ବଢିଥିଲା । ଯଦିଓ ଗତ ସିଏମ୍‌ସି ନିର୍ବାଚନରେ ଦୁଇ ନେତା ପୁଣି ଏକାଠି ହୋଇ ଦଳ ପାଇଁ ପ୍ରଚାର କରିଥିଲେ, ମାତ୍ର ତାହା ଲୋକଦେଖାଣିଆ ବୋଲି ଖୋଦ୍ ଦଳର ନେତାମାନେ କହୁଥିଲେ । ଏବେ କଟକରେ ସୁରେଶଙ୍କ ହାତକୁ ନଗର କମିଟି କ୍ଷମତା ଦେଇ ପିସିସି ମୋକିମ୍‌ଙ୍କୁ ଝଟକା ଦେବାର ପ୍ରୟାସ କରିଛି ।



## ଜଳସମ୍ପଦ ଏବଂ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାରେ ସମୁଦ୍ର ତଟ ସୁରକ୍ଷା ଓ ଲୁଣିବନ୍ଧ ସୁଦୃଢୀକରଣ ପରିପ୍ରେକ୍ଷୀରେ ରାଜ୍ୟ ଜଳ ସମ୍ପଦ ବିଭାଗ ଏବଂ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ମଧ୍ୟରେ ଏକ ବୁଝାମଣା ପତ୍ର ଗତ ୧୦ ତାରିଖ ଅପରାହ୍ନରେ ସ୍ୱାକ୍ଷରିତ ହୋଇଯାଇଛି । ବିଭାଗର ସମ୍ମିଳନୀ କକ୍ଷରେ ରାଜ୍ୟ ଜଳ ସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଅନୁ ଗର୍ଗଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟ ଜଳ ସଂପଦ ବିଭାଗ ତରଫରୁ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ କୁମାର ମିଶ୍ର ଏବଂ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ (ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓସେନ୍ ଟେକ୍ନୋଲୋଜି)ର ନିର୍ଦ୍ଦେଶକ ଡଃ. ଜି.ଏ. ରାମଦାସଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ।

ପ୍ରକାଶ ଥାଉକି ମୁଖ୍ୟତଃ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇଥାଏ । ଓଡ଼ିଶାରେ ପ୍ରାୟ ୪୮୦ କିମି ଦୈର୍ଘ୍ୟ ବିଶିଷ୍ଟ ବଙ୍ଗୋପସାଗର ତଟ ଅବସ୍ଥିତ । ବାତ୍ୟା ସମୟରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସୁଉଚ୍ଚ ଲହଡି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳକୁ ଦ୍ରୁତ ବେଗରେ ପ୍ରବେଶ କରିବା ଫଳରେ ଅନେକ ଧନ ଜୀବନ କ୍ଷୟକ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଥାଏ । ବିଗତ କିଛି ବର୍ଷ ମଧ୍ୟରେ ଅନେକ ସ୍ଥାନରେ ସମୁଦ୍ର ତଟ କ୍ଷୟ ହେବାର ପରିଲକ୍ଷିତ ହୋଇଥିବା ଦୃଷ୍ଟିରୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ସୁରକ୍ଷା ଓ ସମୁଦ୍ର ନିକଟସ୍ଥ ଲୁଣିବନ୍ଧ ଗୁଡିକର ସୁଦୃଢୀକରଣ ପାଇଁ ଯୋଜନା ।




## ଅଗ୍ନିଶମ ସେବା ଅଧିକାରିମାନଙ୍କ ଅଧିବେଶନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ଅଗ୍ନିଶମ ନିର୍ଦ୍ଦେଶାଳୟ ଦ୍ୱାରା ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ବରିଷ୍ଠ ଅଗ୍ନିଶମ ସେବା ଅଧିକାରୀମାନଙ୍କ ବାର୍ଷିକ ଅଧିବେଶନ-୨୦୨୨ ଉଦ୍‌ଘାଟିତ ହୋଇଯାଇଛି । ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଗୃହରାଜ୍ୟ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ ବର୍ଦ୍ଧିତ ଜନସଂଖ୍ୟା, ଦୃତ ସହରୀକରଣ, ଶିଳ୍ପାୟନ ଓ ଆଗାମୀ ଦିନମାନଙ୍କରେ ପ୍ରତି କ୍ଷେତ୍ରରେ ଅଟୋମେସନ ଓ କୃତ୍ରିମ ବୁଦ୍ଧିମତା ଭଳି ବୈଷୟିକ ଜ୍ଞାନର ଅନୁପ୍ରବେଶ ଜନସାଧାରଣଙ୍କୁ ଜଟିଳ ପରିସ୍ଥିତିରେ ପକାଇବ । ତେଣୁ ଆଗାମୀ ଦିନରେ ରାଜ୍ୟରେ ଅଗ୍ନିକାଣ୍ଡ ଓ ବିପତ୍ତିର ତ୍ୱରିତ ମୁକାବିଲା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଅନ୍ତର୍ଜାତୀୟ ମାନର ପ୍ରଶିକ୍ଷଣ, ସୁବିଧାସମ୍ପନ୍ନ ଭିତ୍ତିଭୂମି ବିକାଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନ ଅତି ଉଚ୍ଚ ଅଟ୍ଟାଳିକା ତଥା ଉଚ୍ଚ ନିର୍ମାଣ ଲାଗି ଅଗ୍ନିସୁରକ୍ଷା କୋଡ ଅନୁପାଳନର ତଦାରଖ କରିବା ଅପରିହାର୍ଯ୍ୟ ବୋଲି ସେ ମତ ଦେଇଛନ୍ତି ।

ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ନିଆଁ ପ୍ରତିରୋଧ ଲାଗି ମୁକାବିଲା ଓ ଜନସଚେତନାର ଆବଶ୍ୟକତା ବିଷୟରେ ମଧ ଚର୍ଚ୍ଚା କରାଯାଇଥିଲା । ଅଗ୍ନିଶମ ଅଧିକାରୀମାନେ ଅଗ୍ନି ନିରୋଧ, ପ୍ରତିରୋଧ ଓ ଶମନଭିତ୍ତିକ ଅନେକ ଆଲୋଚ୍ୟ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥିମାନେ ଫାୟାର ସର୍ଭିସ୍ ନିଉଜ ବୁଲେଟିନ୍ ଓ ଟେଲିଫୋନ୍ ଡିରେକ୍ଟୋରୀ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସୌମ୍ୟା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ରଘୁନାଥପୁରରେ ଅବସରକାଳୀନ ସମ୍ବର୍ଦ୍ଧନା

**ନାଉଗାଁ(ସଂପର୍କବାର୍ତ୍ତା):-** ନାଉଗାଁ ବ୍ଲକ୍ ଜାମୁଗାଁ ପଞ୍ଚାୟତର ରଘୁନାଥପୁର ଗ୍ରାମରେ ଏକ ନିଆରା ପରମ୍ପରା କ୍ରମରେ ତିନି ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଗ୍ରାମକୁ ଫେରିଥିବାରୁ ଗ୍ରାମର ଯୁବକ ତରଫରୁ ଆନ୍ତର୍ଜାତୀୟ ଯୁବ ଦିବସରେ ଆଜି ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ ଚାକିରୀ କରୁଥିବା ଅବସରପ୍ରାପ୍ତ ଶିକ୍ଷକ ବଳରାମ ଲେଙ୍କା, ପ୍ରାଧାପକ ଭୋଳାନାଥ ଦାସ ଓ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଭୃଙ୍ଗରାଜ ପଟ୍ଟନାୟକ ସେବା ନିବୃତ୍ତ ହୋଇ ଗ୍ରାମକୁ ଫେରିଥିବାରୁ ନିକଟସ୍ଥ କଣ୍ଟୁଣିଆ ହାଟଠାରୁ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ଆତସବାଜୀ, ବାଜା ଓ କବି ଶ୍ରୀ ସଚ୍ଚି ରାଉତରାୟଙ୍କର "ଛୋଟ ମୋର ଗାଁଟି" ଗୀତରେ ତାଳେ ତାଳେ ଗ୍ରାମର ଯୁବକମାନେ ଶୋଭାଯାତ୍ରାରେ ସେମାନଙ୍କୁ ପାଛୋଟି ଆଣିଥିଲେ । ଏହା ପରେ ଗ୍ରାମର ମା କୁତାମଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ପାରାଦ୍ୱୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସରପଞ୍ଚ ଲଳାଟେନ୍ଦୁ ପରିଡା, କ୍ଷେତ୍ରମୋହନ ରାଉତ ଓ ରମାନାଥ ନାୟକ ଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ ଗ୍ରାମର ବୟସ୍କ ବ୍ୟକ୍ତି ଓ ମରବୀମାନଙ୍କୁ ମଧ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରାମର ଉନ୍ନତି ପାଇଁ କାମକରିବାକୁ ଅବସରପ୍ରାପ୍ତ କର୍ମଚାରୀମାନେ ନିଜର ଇଚ୍ଛା ବ୍ୟକ୍ତ କରିବା ପରେ ସମସ୍ତେ ଏକହୋଇ ଏ ଦିଗରେ କାମ କରିବା ପାଇଁ ଶପଥ ନେଇଥିଲେ । ଶେଷରେ ସମସ୍ତେ ସାମୁହିକ ଭୋଜିରେ ସାମିଲ ହୋଇଥିଲେ । ରବିନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ସର୍ବଶ୍ରୀ ବିଜୟ ଲେଙ୍କା, ଦେବାଶିଷ ଦାସ, ସ୍ୱାଗତ ଦାସ, କାଳନ୍ଦୀ ସାହୁ, ବିଧାନ ଦାସ, ଅଭୟ ଲେଙ୍କା, ପ୍ରକାଶ ଦାସ, ଆଲୋକ ଦାସ, ଲକ୍ଷ୍ମୀଧର ନାୟକ ଓ ମା କୁତାମଚଣ୍ଡୀ ଯୁବ ପରିଷଦର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପ୍ରତ୍ୟେକ ଶୁକ୍ରବାର ହସ୍ତତନ୍ତ ଲୁଗା ପିନ୍ଧିବେ ବିଭାଗୀୟ କର୍ମଚାରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ଅଗଣିତ ବୁଣାକାରଙ୍କୁ ପ୍ରୋତ୍ସାହନ ଲାଗି ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରୟାସ । କୃଷି ବିଭାଗର କର୍ମଚାରୀ ସପ୍ତାହରେ ଗୋଟିଏ ଦିନ ଅର୍ଥାତ୍ ପ୍ରତ୍ୟେକ ଶୁକ୍ରବାର ଦିନ ହସ୍ତତନ୍ତ ଲୁଗା ପିନ୍ଧିବାକୁ ଅନୁରୋଧ କରାଯାଇଛି । ଯେଉଁଥି ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢୀ ଚିଠି ଲେଖି ଅନୁରୋଧ କରିଛନ୍ତି । ନିଜେ ମଧ ଅନେକ ସମୟରେ ହସ୍ତତନ୍ତ ପୋଷାକ ପରିଧାନ କରିଥାନ୍ତି । ସମ୍ବଲପୁରୀ ବସ୍ତ୍ରର ଚାହିଦା କେବଳ ରାଜ୍ୟ କି ଦେଶରେ ନୁହେଁ ବିଦେଶରେ ମଧ ରହିଛି । ଏପରିକି ଯୁବପିଢି ମଧ ସମ୍ବଲପୁରୀ ବସ୍ତ୍ରକୁ ବେଶ ପସନ୍ଦ କରୁଛନ୍ତି । ସମ୍ବଲପୁରୀ ପାଟରୁ ଆରମ୍ଭ କରି ମାଣିଆବନ୍ଧରେ ହେଉଥିବା କାରୁକାର୍ଯ୍ୟକୁ ବେଶ୍ ପସନ୍ଦ ମଧ କରାଯାଉଛି । ଖାସ୍ ସେଥିପାଇଁ ରାଜ୍ୟ ଐତିହ୍ୟ ସମ୍ପନ୍ନ ହସ୍ତତନ୍ତ ପ୍ରୋତ୍ସାହନ ଓ ବୁଣାକାରଙ୍କ ସମ୍ମାନ ଉଦ୍ଦେଶ୍ୟରେ ଅରବିନ୍ଦ କୁମାର ପାଢୀ ଏପରି ଅନୁରୋଧ କରିଛନ୍ତି । ତେବେ ବୁଣାକାରଙ୍କୁ ସରକାରୀ ସ୍ତରରେ ପ୍ରୋତ୍ସାହନ ଏପରିକି ବ୍ୟକ୍ତିଗତ ସ୍ତରରେ ମଧ ବୁଣାକାରଙ୍କୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ।

## ୭୫ତମ ସ୍ୱାଧୀନତା ଦିବସ ଅବସରରେ କବିତା ଆସର ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିପାଳନ କରୁଥିବା ସମୟରେ ଆମଦେଶର ସ୍ୱାଧୀନତା ସଂଗ୍ରାମ ସମୟର ଦେଶବାସୀଙ୍କ ଅବଦାନ ସମ୍ବନ୍ଧରେ ଯୁବପିଢି ଜାଣିବାର ଆବଶ୍ୟକତା ରହିଛି । ସ୍ୱାଧୀନତା ସଂଗ୍ରାମ ସମଗ୍ର ଦେଶର ଲୋକଙ୍କ ମନରେ ଭରି ଦେଇଥିଲା । ଆମର ଇତିହାସରେ ସମସ୍ତ ବୀର ସହିଦମାନଙ୍କୁ ଏପର୍ଯ୍ୟନ୍ତ ସ୍ଥାନ ଦିଆଯାଇପାରି ନାହିଁ । ବିସ୍ମୃତ ଗର୍ଭରେ ଲୁଚି ଯାଇଥିବା ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସମ୍ବନ୍ଧରେ ବର୍ତ୍ତମାନ ବିଶଦଭାବେ ଆଲୋଚନା ହେବାର ଆବଶ୍ୟକତା ରହିଛି ବୋଲି ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ବୁଦ୍ଧମନ୍ଦିର ଠାରେ ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ଅବସରରେ ଏକ କବିତା ଆସର ଏବଂ ସମ୍ବର୍ଦ୍ଧନା ସଭା ମହା ଆଡ଼ମ୍ବରରେ ପାଳନ କରାଯାଇଛି । ଏହି ସଭାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଉଦ୍‌ଘାଟକ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାଧୀନତାର ୭୫ ବର୍ଷ ଅବସରରେ ଆମ ଜାତୀୟ ପତାକା ଏବଂ ଦେଶର ସମ୍ବିଧାନ ପ୍ରତି ପ୍ରତ୍ୟେକ ନାଗରିକଙ୍କ ମନରେ ସମ୍ମାନବୋଧ ଜାଗ୍ରତ ହେବାର ଆବଶ୍ୟକତା ଅଛି ବୋଲି କହିଥିଲେ । ଏଥିରେ ଏଫ୍.ଏନ୍.ସି. କ୍ଲବର ଉପସଭାପତି ଅଦିତ ପ୍ରସାଦ ସାହୁ, ସମାଜସେବୀ ପରମେଶ୍ୱର ଦାସ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିକାଶ ଚନ୍ଦ୍ର ପଟ୍ଟନାୟକ, ଶିବିର କୁମାର ପରିଡ଼ା, ସଭାପତି ଜିତେନ୍ଦ୍ର ଜେନା ଓ ସମ୍ପାଦକ ବିବେକାନନ୍ଦ ବାରିକ ସଦସ୍ୟ ସଂଗ୍ରାମ ଜେନା ଓ ମାନସ ନାୟକ ପ୍ରମୁଖ ଯୋଗଦେଇ ଏହି ଟ୍ରଷ୍ଟର ଦୀର୍ଘ ୧୫ବର୍ଷର ଲମ୍ବାପଥ ଅତିକ୍ରମ ମଧ୍ୟରେ ସମାଜର ବିଭିନ୍ନ କ୍ଷେତ୍ରରେ ତାର ସେବା ଚଳାଇ ରଖିଛି । ଏହା ମଧ୍ୟରେ ରକ୍ତଦାନ ଶିବିର, ମହିଳା ଓ ବୃଦ୍ଧମାନଙ୍କ ସେବା, ବିଭିନ୍ନ ଜନ ସଚେତନ ଶିବିର ଏବଂ କ୍ରୀଡ଼ା ଓ ମନୋରଞ୍ଜନ କ୍ଷେତ୍ରରେ ଏହି ଟ୍ରଷ୍ଟ କାର୍ଯ୍ୟ କରିଆସୁଅଛି । ଦୀଘ ଦୁଇବର୍ଷ ହେବ ବିଭିନ୍ନ ସେବା ସହିତ ସାହିତ୍ୟ କ୍ଷେତ୍ରରେ ମଧ ଅନୁରାଗୀ ହୋଇ କବିମାନଙ୍କ ମନକୁ ମଧ ଆନନ୍ଦିତ କରିଛି ।

'ଆମେ କେତେ ସ୍ୱାଧୀନ' ଏହି ବିଷୟବସ୍ତୁ ନେଇ ସ୍ୱାଧୀନତା ପାଇବାର ୭୫ ବର୍ଷ ପରେ ଦେଶର ସ୍ଥିତି, ଗତି, ଅବସ୍ଥିତି ଓ ଭାରତର ନାଗରିକଙ୍କ ଅଧିକାର ଓ ସଚେତନତା ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ ।

ସାହିତ୍ୟ, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀ ନରେନ୍ଦ୍ରନାଥ ଦାଶ, ଡ. ନିର୍ମଳ ନାୟକ, ଗୀତିକବି ବିପିନ ମହାନ୍ତି, ଶ୍ରୀମତୀ ଚମକ ଚନ୍ଦିନୀ ଦାଶ, ଅଧାପିକା ସୌଦାମିନୀ ବେହେରା, ଆରତି ବିଶ୍ୱାଳ, ଇଂ ଡ଼ ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ସାହିତ୍ୟ ସେବା କ୍ଷେତ୍ରରେ ସମ୍ବର୍ଦ୍ଧିତ ହୋଇଥିବା କ୍ରୀଡ଼ା କ୍ଷେତ୍ରର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ରଶ୍ମୀରଞ୍ଜନ ସାହୁ, କଳାକାର ଶ୍ରୀଯୁକ୍ତ ଦେବୀ ବାରିକଙ୍କୁ 'କଳାଶ୍ରୀ ସମ୍ମାନ', ସମାଜସେବା କ୍ଷେତ୍ରରେ ବିଜୟ କୁମାର ଚୌଧୁରୀ, ଡଃ ପ୍ରମୋଦ ଚନ୍ଦ୍ର ଦାଶ, ଅର୍ଜୁନ ସାହୁ, ଅଶୋକ ପଟ୍ଟନାୟକ, ଶ୍ରୀମତୀ ନିବେଦିତା ଭଞ୍ଜ, ଭରସା ଫାଉଣ୍ଡେସନ, ଅର୍ଚ୍ଚିତ ବେହେରା, ତ୍ରିରଙ୍ଗା ମ୍ୟାନ୍ ପୂର୍ଣ୍ଣଚନ୍ଦ୍ର ସାହୁ ଓ ସମ୍ବାଦ ପତ୍ର କ୍ଷେତ୍ରରେ 'ଓ ଟିଭି'ର ନିରଞ୍ଜନ ରେଡ୍ଡି, କନକ ନ୍ୟୁଜର ସ୍ମୃତିରଞ୍ଜନ ବେହେରା, ସୌମ୍ୟରଞ୍ଜନ ନାୟକ, ଅନିତଶ ଦାଶ, ଅରୁନ୍ଧତୀ ମଲ୍ଲିକ, ପ୍ରମୋଦ ନାୟକ, ବିଭୂତି ସାହୁ, ଡଃ ଦେବୀ ପ୍ରସାଦ ବିଶ୍ୱାଳ, ମମତା କର, ଭରତ ପ୍ରଧାନ, ଅମରେଶ ବେଉରା, ସୁନିଲ୍ ଲେଙ୍କା, ରତିକାନ୍ତ ବଳ, ସୁଶାନ୍ତ କୁମାର ସାହୁ, ପିପିଏଲ୍ ଓଡ଼ିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କବି ଦେଶଭକ୍ତି ଶୀର୍ଷକ କବିତା ପଠନ କରିଥିଲେ । କବି ଚମକ ଚନ୍ଦିନୀ ଦାଶ ଓ କବି ସୌଦାମିନୀ ବେହେରାଙ୍କ ବଳିଷ୍ଠ ସଂଯୋଜନାରେ ଦେଶାତ୍ମବୋଧକ କବିତା ଆସର ଅନୁଷ୍ଠିତ ହୋଇଥିଲା । ଅଧାପିକା ସୌଦାମିନୀ ବେହେରା ସୁଚାରୁରୂପେ ମଞ୍ଚ ସଞ୍ଚାଳନ କରିଥିଲେ । ସମ୍ପାଦକ ବିବେକାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସମ୍ପାଦନ ହୋଇଥିଲା ।




ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera